## ବିଶ୍ୱ ମସ୍ତିଷ୍କାଘାତ ଦିବସ ପାଳନ

କୋରାପୁଟ,(ସ୍ୱ.ପ୍ର.)- କୋରାପୁଟ ଜିଲା ସ୍ୱାସ୍ଥ୍ୟ ସମିତି ପକ୍ଷରୁ ଶନିବାର ସ୍ଥାନୀୟ ଗାନ୍ଧିନଗରସ୍ଥିତ ସହରାଞ୍ଚଳ ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ର ପରିସରରେ ବିଶ୍ୱ ମସ୍ତିଷ୍କାଘାତ ଦିବସ ପାଳିତ ହୋଇଯାଇଛି। ଜିଲା ମୁଖ୍ୟ ଚିକିତ୍ସା ଅଧିକାରୀ ଡାକ୍ତର ଅରୁଣ ପାଢ଼ୀ ମୁଖ୍ୟ ଅତିଥିଭାବେ ଯୋଗଦେଇ ଏହି ଦିବସର ମୁଖ୍ୟ ଉଦ୍ଦେଶ୍ୟ ଉପରେ ଆଲୋକପାତ କରିଥିଲେ। ଏହି ମସ୍ତିଷ୍କାଘାତ ରୋଗରୁ ନିଜକୁ ଓ ନିଜ ପରିବାରକୁ କିପରି ରକ୍ଷା କରାଯାଇପାରିବ ସେ ନେଇ ସଚେତନ କରିଥିଲେ। ସଭାରେ ଡାକ୍ତର ରେଣୁକା ଦାସ, ଜାତୀୟ ସ୍ୱାସ୍ଥ୍ୟ ମିଶନର ଜିଲା ସଂଯୋଜକ ଶୁଭକାନ୍ତ ଗନ୍ତାୟତ, ଏଡିପିଏଚସିଓ ଶୁଭ ନାରାୟଣ ନାୟକଙ୍କ ସମେତ ଅନ୍ୟମାନେ ଉପସ୍ଥିତ ଥିଲେ।ଏହି ଅବସରରେ ଆୟୋଜିତ କୁଇଜ ପ୍ରତିଯୋଗିତାର କୃତି ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା।

# ଜବରଦଖଲ ଗୋଚର ଜମି ନ ଫେରିଲେ ଭୋଟ ବର୍ଜନ

**ବିଷମକଟକ,୨୯।୧୦(ଡି.ଏନ୍.ଏ.)**

ଗୋଚର ଜମି ଏବେ ଚାଷଜମି ପାଲଟିଛି। ରାୟଗଡ଼ା ଜିଲା ବିଷମକଟକ ତହସିଲ ଝିଗିଡ଼ି ରାଜସ୍ୱ ମୌଜାର ନିର୍ଗୁଣ୍ଡି ଗ୍ରାମରେ କେତେଜଣ ଅସାଧୁ ବ୍ୟକ୍ତି ୩୦ ଏକର ଗୋଚର ଜମି ନିଜ ଅକ୍ତିଆରରେ ରଖିଛନ୍ତି। ଫଳରେ ଗୃହପାଳିତ ପ୍ରାଣୀ ଏବେ ଉପାସରେ ରହୁଥିବା ଅଭିଯୋଗ ହୋଇଛି। ସହର ଏବଂ ଗ୍ରାମାଞ୍ଚଳରେ ରହିଥିବା ଗୃହପାଳିତ ପ୍ରାଣୀଙ୍କ ପାଇଁ ସରକାର ଗୋଚର ଜମି ପ୍ରଦାନ କରିଛନ୍ତି। ଏହି ଜମିରେ ଚାଷୀ ନିଜ ଗୋରୁ, ମେଣ୍ଢା ଏବଂ ଛେଳିଙ୍କୁ ଚରାଇଥାନ୍ତି। ହେଲେ ଦୀର୍ଘ ଦୁଇ ବର୍ଷ ହେଲା ୩୦ ଏକର ଗୋଚର ଜମିକୁ କେତେଜଣ ଅସାଧୁ ବ୍ୟକ୍ତି ଜବରଦଖଲ କରି ଧାନ, କପା ଏବଂ ନୀଳଗିରି ଚାଷ କରିବା ସହ ଘର ମଧ୍ୟ ନିର୍ମାଣ କରିଛନ୍ତି। ଏହାକୁ ନେଇ ଏବେ ଅସନ୍ତୋଷ ଦାନା ବାନ୍ଧୁଛି।

ଝିଗିଡ଼ି ମୌଜା ଅଧୀନ ୬ ଖଣ୍ଡ ଗ୍ରାମର ଗୃହପାଳିତ ପ୍ରାଣୀଙ୍କ ପାଇଁ ଏଠାରେ ୩୦ ଏକର ଗୋଚର ଜମି ରହିଥିଲା। ପୂର୍ବରୁ ଏଠାକାର ଆଦିବାସୀ ଚାଷୀ ନିଜ ଗୃହପାଳିତ ପ୍ରାଣୀଙ୍କୁ ଚରାଇବା ପାଇଁ ଏହି ୩୦ ଏକର ଗୋଚର ଜମି ଉପରେ ନିର୍ଭର କରି ଆସୁଥିଲେ। କିନ୍ତୁ ନିର୍ଗୁଣ୍ଡି ଓ ମୁଣ୍ଡା ଗ୍ରାମର ୫ ବ୍ୟକ୍ତି ଏହି ଗୋଚର ଜମି ନିଜ ଅକ୍ତିଆରକୁ

**ନିର୍ଗୁଣ୍ଡି ଗ୍ରାମବାସୀଙ୍କ ଚେତାବନୀ**

ନେଇ ଚାଷ ଜମିରେ ପରିଣତ କରିଥିବା ଗ୍ରାମବାସୀ ଅଭିଯୋଗ କରିଛନ୍ତି। ଦୀର୍ଘ ୨ ବର୍ଷ ହେଲା ନିର୍ଗୁଣ୍ଡି ଗ୍ରାମବାସୀ ଏହାକୁ ବିରୋଧ କରି ଆସୁଛନ୍ତି। ଏଭଳିକି ଗୋଚର ଜମି ଅକ୍ତିଆର କରାଯାଇଥିବା ନେଇ ବିଷମକଟକ ତହସିଲଦାର, ଗୁଣପୁର ଉପଜିଲାପାଳ ଏବଂ ରାୟଗଡ଼ା ଜିଲାପାଳଙ୍କ ନିକଟରେ ଅଭିଯୋଗ କରିଥିଲେ। ହେଲେ ଗ୍ରାମବାସୀଙ୍କ ଅଭିଯୋଗର ୨ବର୍ଷ ବିତିଯାଇଥିଲେ ମଧ୍ୟ ପ୍ରଶାସନ ଏ ଦିଗରେ କୌଣସି ପଦକ୍ଷେପ ଗ୍ରହଣ ନେଉ ନ ଥିବା ଲବ ମଣ୍ଡିକା, ରାମଦାଶ ପିଡିକାକା, ସୋମନାଥ ପିଡିକାକା, ଡମ୍ବ ଉଲାକା, ରାଇନା, ରବୀନ୍ଦ୍ର ସାହୁକାର, ଦାମ ପିଡିକାକା, ରାଇନା କାଡ୍ରାକା ଏବଂ ରମେଶ ମଣ୍ଡିକା ପ୍ରମୁଖ ଅଭିଯୋଗ କରିଛନ୍ତି। ପ୍ରଶାସନର ଏଭଳି ଅବହେଳାକୁ ଗ୍ରାମର ଶତାଧିକ ମହିଳା ପରୁଷ ନିନ୍ଦା କରିଛନ୍ତି। ଶୀଘ୍ର ସମସ୍ୟାର ସମାଧାନ ନ ହେଲେ ଆଇନକୁ ହାତକୁ ନେବା ସହ ଆଗାମୀ ବିଧାନସଭା ନିର୍ବାଚନରେ ଭୋଟ ବର୍ଜନ କରିବେ ବୋଲି ନିର୍ଗୁଣ୍ଡି ଗ୍ରାମବାସୀ ଚେତାବନୀ ଦେଇଛନ୍ତି। ଗ୍ରାମବାସୀଙ୍କ ଅଭିଯୋଗକୁ ନେଇ ବିଷମକଟକ ତହସିଲଦାର ଶୁଭେନ୍ଦୁ କୁମାର ଜେନାଙ୍କୁ ପଚାରିବାରୁ ସେ କହିଛନ୍ତି, ଗୋଚର ଜମି ଜବରଦଖଲରେ ରହିଥିବା ବିଷୟରେ ତାଙ୍କ ନିକଟକୁ କୌଣସି ଅଭିଯୋଗ ଆସିନାହିଁ। ତଥାପି ଏହାର ତଦନ୍ତ କରିବା ନିମନ୍ତେ ଝିଗିଡ଼ି ପଞ୍ଚାୟତର ଆର୍‌ଆଇଙ୍କୁ ନିର୍ଦ୍ଦେଶ ଦିଆଯିବ। ଅଭିଯୋଗରେ ସତ୍ୟତା ଥିଲେ ଜବରଦଖଲକାରୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ସେ କହିଛନ୍ତି।



ଏକାଠି ହୋଇଥିବା ନିର୍ଗୁଣ୍ଡି ଗ୍ରାମବାସୀ ।

## ସଂକ୍ଷେପରେ

### ୨ କୋଟିରୁ ଊର୍ଦ୍ଧ୍ୱ ଟଙ୍କାର ସାମଗ୍ରୀ ପାଉଁଶ ହାର୍ଡୱେର ଦୋକାନରେ ଅଗ୍ନିକାଣ୍ଡ



ରାୟଗଡ଼ା ଅଫିସ,୨୯।୧୦- ରାୟଗଡ଼ା ସହର କପିଳାସ ରୋଡ୍ ସ୍ଥିତ ଏକ ହାର୍ଡୱେର ଦୋକାନରେ ଶୁକ୍ରବାର ରାତିରେ ଅଗ୍ନିକାଣ୍ଡ ଘଟି ପ୍ରାୟ ଦୁଇ କୋଟିରୁ ଊର୍ଦ୍ଧ୍ୱ ଟଙ୍କାର ସାମଗ୍ରୀ ପୋଡ଼ି ନଷ୍ଟ ହୋଇଛି। ଶର୍ଟସର୍କିଟ ଯୋଗୁ ଅଗ୍ନିକାଣ୍ଡ ଘଟିଥିବା ଜଣାପଡ଼ିଛି। ରାତିରେ ଦୋକାନରେ ନିଆଁ ଲାଗିଥିବାବେଳେ ଉକ୍ତ ଦୋକାନ ସମେତ ପାଖରେ ଥିବା ଅନ୍ୟ କୋତାଟି ଦୋକାନକୁ ନିଆଁ ବ୍ୟାପିଥିଲା। ଦୋକାନରେ ପ୍ଲାଷ୍ଟିକ୍ ସାମଗ୍ରୀ, କାର୍ଡବୋର୍ଡ ସମେତ ବିଭିନ୍ନ କେମିକାଲ ଯୁକ୍ତ ସାମଗ୍ରୀ ଥିବାରୁ ନିଆଁ ବ୍ୟାପିଥିଲା। ରାୟଗଡ଼ା ଏବଂ କୋଲନରାର ୨ଟି ଅଗ୍ନିଶମ ବାହିନୀ ପହଞ୍ଚି ଦୀର୍ଘ ପ୍ରାୟ ୪ ଘଣ୍ଟାର ଉଦ୍ୟମ କରି ନିଆଁକୁ ଆୟତ୍ତ କରିଥିଲେ। ଦୋକାନ ନିକଟରେ ଥିବା ଏକ ଔଷଧ ଦୋକାନ ସମେତ ଅନ୍ୟ କେତୋଟି ଦୋକାନ ପ୍ରଭାବିତ ହୋଇଛି। ଦୋକାନ ମାଲିକଙ୍କ କହିବା ଅନୁଯାୟୀ ୨ ଲକ୍ଷରୁ ଊର୍ଦ୍ଧ୍ୱ ଟଙ୍କାର ସାମଗ୍ରୀ ନଷ୍ଟ ହୋଇଛି। ତେବେ ଆକଳନ ପରେ ପ୍ରକୃତ କ୍ଷୟକ୍ଷତି ସ୍ପଷ୍ଟ ହେବ ବୋଲି କୁହାଯାଇଛି। ରାୟଗଡ଼ା ଏସ୍‌ପି ବିବେକାନନ୍ଦ ଶର୍ମା ମଧ୍ୟ ଘଟଣାସ୍ଥଳରେ ପହଞ୍ଚି ସ୍ଥିତି ଅନୁଧ୍ୟାନ କରିଛନ୍ତି। ସୂଚନାଯୋଗ୍ୟ, ରାୟଗଡ଼ା ସହରରେ ଅଧିକାଂଶ ବ୍ୟବସାୟିକ ପ୍ରତିଷ୍ଠାନରେ ଅଗ୍ନି ନିରାପତ୍ତା ବ୍ୟବସ୍ଥା ଠିକ୍ ନାହିଁ। ବାରମ୍ବାର ତାଗିଦା ପରେ ମଧ୍ୟ ଏହାକୁ ଅଣଦେଖା କରାଯାଉଥିବାରୁ ଏଭଳି ଘଟଣା ଘଟିଛି ବୋଲି ସହକାରୀ ଅଗ୍ନିଶମ ଅଧିକାରୀ ସଂଗ୍ରାମ ହାଂସଦା ପ୍ରକାଶ କରିଛନ୍ତି।

### ଆଦର୍ଶ ବିଦ୍ୟାଳୟରେ ମିଳିତ ଜାତିସଂଘର ଅଧିବେଶନ



ମୁନିଗୁଡ଼ା,୨୯।୧୦(ଡି.ଏନ୍.ଏ.)- ଓଡ଼ିଶା ଆଦର୍ଶ ବିଦ୍ୟାଳୟ ମୁନିଗଡ଼ା ଠାରେ ନବମ, ଦଶମ ଏବଂ ଏକାଦଶ ଶ୍ରେଣୀର ଛାତ୍ରୀଛାତ୍ରୀଙ୍କୁ ନେଇ ବିଦ୍ୟାଳୟ ପ୍ରାଙ୍ଗଣରେ ମିଳିତ ଜାତିସଂଘର ଅଧିବେଶନ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଏକାଦଶ ଶ୍ରେଣୀର ଛାତ୍ରୀ କୁମାରୀ ସମ୍ପୂର୍ଣ୍ଣା ରଥ ସଭାପତିତ୍ୱ କରିଥିଲେ। ୨୨ ଛାତ୍ରୀଛାତ୍ର ୨୨ ଦେଶର ପ୍ରତିନିଧି ରୂପେ ଯୋଗ ଦେଇଥିଲେ। ଅଧିବେଶନର ମୁଖ୍ୟ ବିଷୟ ଥିଲା 'ରୁଷିଆ ୟୁକ୍ରେନ୍ ଠାରୁ ସୈନ୍ୟ ପ୍ରତ୍ୟାହାର କରିବା' ଏଥିରେ ୧୪ ଦେଶର ପ୍ରତିନିଧି ରୁଷିଆ ବିପକ୍ଷରେ ମତ ରଖିଥିବାବେଳେ ୪ ଦେଶର ପ୍ରତିନିଧି ସୈନ୍ୟ ପ୍ରତ୍ୟାହାରକୁ ବିରୋଧ ପୂର୍ବକ ରୁଷିଆର ପକ୍ଷ ନେଇଥିଲେ। ୪ ଦେଶ କାହା ପକ୍ଷ ବା ବିପକ୍ଷରେ ଭୋଟ ନ ଦେଇ ନିବୃତ୍ତ ରହିଥିଲେ। ଏହାପରେ ସଭାପତିଙ୍କ ନିର୍ଦ୍ଦେଶ କ୍ରମେ ବିଭିନ୍ନ ଦେଶର ପ୍ରତିନିଧି ମତାମତ ରଖିଥିଲେ। ପ୍ରଦର୍ଶନୀ ମାଧମରେ ଛାତ୍ରୀଛାତ୍ରଙ୍କୁ ଅନ୍ତର୍ଜାତୀୟ ସ୍ତରୀୟ ବିଭିନ୍ନ ଦେଶ ଗୁଡ଼ିକ ମଧ୍ୟରେ ଉପୁଜୁଥିବା ସମସ୍ୟାର କିଭଳି ସମାଧାନ କରାଯାଇପାରିବ ସେ ବିଷୟରେ ଅବଗତ କରାଇଥିଲେ। ବିଦ୍ୟାଳୟର ଅଧକ୍ଷା ମିଲି ଷଣ୍ଢ ଏବଂ ବିଦ୍ୟାଳୟର ସାମାଜିକ ଶିକ୍ଷା ଶିକ୍ଷକ ଅଶୋକ କୁମାର ମାଣ୍ଡିଙ୍କ ମିଳିତ ଜାତିସଂଘ ବିଷୟରେ ବିଭିନ୍ନ ମତ ରଖିଥିଲେ।

### ମିଳିତ ପ୍ରାଥମିକ ଶିକ୍ଷକ ସଂଘ ପକ୍ଷରୁ ଦାବିପତ୍ର



ପଦ୍ମପୁର,୨୯।୧୦(ଡି.ଏନ୍.ଏ.)- ପଦ୍ମପୁର ଠାରେ ସଂଘର ସଭାପତି ଓ ସମ୍ପାଦକଙ୍କ ଆହ୍ୱାନ କ୍ରମେ ବ୍ଲକ ମିଳିତ ପ୍ରାଥମିକ ଶିକ୍ଷକ ସଂଘର ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି। ପୂର୍ବତନ ସଭାପତି ରଘୁନାଥ ମିଶ୍ରଙ୍କ ସଭାପତିତ୍ୱରେ ଉପଦେଷ୍ଟା ରଘୁନାଥ ମିଶ୍ର, ଠାକୁର୍ ରାଜ, ସବିତା ଦାସ, ସଭାପତି ରାଘବ ଶବର, କାର୍ଯ୍ୟକାରୀ ସଭାପତି ଶ୍ରଦ୍ଧାଞ୍ଜଳି ମିଶ୍ର, ଉପସଭାପତି ଶାନ୍ତନୁ ଦାସ, କରୁଣା ମାଝି, ହାରାବତୀ ମାଣ୍ଡାଙ୍ଗି, ବୁଦ୍ଧିମନ୍ତ ସାହୁ, ସାଧାରଣ ସମ୍ପାଦକ ଦିଲୀପ କୁମାର କର, ଯୁଗ୍ମ ସମ୍ପାଦକ ହେମନ୍ତ ଶବର, ନୀଳମାଧବ ପାଣିଗ୍ରାହୀ, ଶତ୍ରୁଘ୍ନ ପାତ୍ର, ପ୍ରଭାତ କୁମାର ମଲ୍ଲିକ, ନାଥ ପାଲକା, ସଂଯୋଜକ ସୁମନ୍ତ ଶବର, ପୁରୁଷୋତ୍ତମ ଲାବଲା, ଦିଲୀପ ଗମାଙ୍ଗ, ସଣ୍ଟୁ ଶବର, ବିଶ ପାଣି, କୋଷାଧକ୍ଷ ପି. ବିଶ୍ୱନାଥ, ହରିଶ୍ଚନ୍ଦ୍ର ପଣ୍ଡା, ଆଇନ ପରାମର୍ଶଦାତା ସରୋଜ ପାଣିଗ୍ରାହୀ, ସଙ୍ଗଠନ ସଂଯୋଜକ ସୁନୀଲ ଗରଡ଼ିଆ ପ୍ରମୁଖଙ୍କୁ ଚୟନ କରାଯାଇଥିଲା। ପରେ ସମସ୍ତ ସଂଘୀୟ କର୍ମକର୍ତ୍ତା ଓ ଉପସ୍ଥିତ ଶିକ୍ଷୟିତ୍ରୀ, ଶିକ୍ଷକ ବିଇଓଙ୍କ କାର୍ଯ୍ୟାଳୟକୁ ଯାଇ ଏବିଇଓ ନିର୍ମଳା ସାହୁଙ୍କ ଜରିଆରେ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଦାବିପତ୍ର ପ୍ରଦାନ କରିଛନ୍ତି।

# 'ପ୍ରକୃତ ହିତାଧିକାରୀ ଚୟନ କରି ସହାୟତା ଦିଅ'

**ନବରଙ୍ଗପୁର,୨୯।୧୦(ବି.ପ୍ର.)**

ନବରଙ୍ଗପୁର ବ୍ଲକ ବୈଠକ ଗୃହରେ ବ୍ଲକସ୍ତରୀୟ ଜନ ଶୁଣାଣି ଶିବିର ଅନୁଷ୍ଠିତ ହୋଇଛି। ବ୍ଲକ ଅଧକ୍ଷ ଶରତ ଭାତରାଙ୍କ ଅଧକ୍ଷତାରେ ଅନୁଷ୍ଠିତ ଶିବିରରେ ଏମ୍‌ଜିଏନ୍‌ଆର୍‌ଇଜିଏସ୍, ପଞ୍ଚଦଶ ଅର୍ଥ କମିଶନ ଅନୁଦାନ, ଜାତୀୟ ସହାୟତା ଯୋଜନା, ମମତା ଯୋଜନା ସମ୍ପର୍କରେ ରହିଥିବା ନିୟମାବଳୀ ଉପରେ ଆଲୋଚନା ହୋଇଥିଲା। ଜିଲା ସାମାଜିକ ସମୀକ୍ଷା ଅଧିକାରୀ ବୈଭସୁତ ଚାଲାଣ ପୂର୍ବରୁ ପଂଚାୟତ, ଅଙ୍ଗନୱାଡି ଗୁଡିକର ହୋଇଥିବା ସାମାଜିକ ସମୀକ୍ଷାର ବିସ୍ତୃତ ରିପୋର୍ଟକୁ ଉପସ୍ଥାପନ କରିଥିଲେ। ଜାତୀୟ ସହାୟତା ଯୋଜନାରେ ପ୍ରକୃତ ହିତାଧିକାରୀ ଚୟନ କରି ସହାୟତା ଦେବାକୁ କୁହାଯାଇଥିଲା। ସିଡିପିଓ କାଞ୍ଚନ ପଣ୍ଡା ଅଙ୍ଗନୱାଡି କେନ୍ଦ୍ରରେ ପ୍ରଦାନ କାରାଯାଉଥିବା ରନ୍ଧାଖାଦ୍ୟ, ନାବାଳିକା ବିବାହ ରୋକିବାକୁ କହିଥିଲେ। ମମତା ଯୋଜନାରେ ସରକାରୀ ପ୍ରଦତ୍ତ ଅନୁଦାନ ମିଳୁ ନ ଥିବା କେତେକ ଗର୍ଭବତୀଙ୍କ ନାମ ବୈଠକରେ ଉପସ୍ଥାପନ କରାଯାଇଥିଲା। ସେମାନେ ୧୮ବର୍ଷରୁ କମ୍ ହୋଇଥିବାରୁ ସୁବିଧା ପାଇନଥିବା ବୈଠକରେ ସ୍ପଷ୍ଟ କରାଯାଇଛି। ଏମ୍‌ଜିଏନ୍‌ଆର୍‌ଇଜିଏସ୍‌ରେ କାମ କରୁଥିବା ଶ୍ରମିକଙ୍କ ଫଟୋ ଏନ୍‌ଏସ୍‌ଏସ୍ ସାଇଟରେ ଅପଲୋଡ଼ ହୋଇପାରୁନାହିଁ, ଫଳରେ ଶ୍ରମିକମାନେ ଉକ୍ତ ଦିନର ପାଉଣା ପାଇବାରେ ଅସୁବିଧା ହେଉଥିବା ସରପଞ୍ଚ ଓ ସମିତି ସଭ୍ୟ ମାନେ କହିଥିଲେ। ସରଭର ଡାଉନ ଥିଲେ ଏହି ସମସ୍ୟା ରହୁଛି ବୋଲି କୁହାଯାଇଛି। ଜିଲାପରିଷଦ ଅତିରିକ୍ତ ନିର୍ବାହୀ ଅଧିକାରୀ ଦେବୀ ପ୍ରସାଦ ଟାଲି ମୁଖ୍ୟ ଅତିଥିଭାବେ ଯୋଗ ଦେଇ ଏମ୍‌ଜିଏନ୍‌ଆର୍‌ଇଜିଏସ୍‌ରେ ହେଉଥିବା କାମ ଆରମ୍ଭ ପୂର୍ବରୁ ଫଳକ ଲଗାଇବାକୁ କହିଥିଲେ। ଏମ୍‌ଜିଏନ୍‌ଆର୍‌ଇଜିଏସ୍‌ରେ ୨୦୨୧-୨୨ ବର୍ଷରେ ୨୩୮୫ ପ୍ରକଳ୍ପ ହାତକୁ ନିଆଯାଇଥିଲା। ସେଥିମଧ୍ୟରୁ ୧୧୦୧ ପ୍ରକଳ୍ପ ସମ୍ପୂର୍ଣ ହୋଇଛି। ୪୪୫.୬୩ ଲକ୍ଷ ଟଙ୍କା ବ୍ୟୟ ହୋଇଛି।୧୬୫୮୬ ଜବ କାର୍ଡ ମଧ୍ୟରୁ ୯୦୭ ଜଣ ଶହେ ଦିନର କାମ କରିଛନ୍ତି ବୋଲି ସୂଚନା ଦିଆଯାଇଥିଲା। ଶିବିରରେ ଅନ୍ୟମାନଙ୍କ ମଧ୍ୟରେ ବିଡିଓ ଶିବପ୍ରସାଦ ପଟ୍ଟନାୟକ, ସଭ୍ୟ ଏଇଇ ସବ୍ୟସାଚୀ ପ୍ରଧାନ, ସାମାଜିକ କର୍ମୀ ମନୋରମା ମାଝି, ଖବରଦାତା ସଦାଶିବ ପ୍ରହରାଜ ଉପସ୍ଥିତ ଥିଲେ।

### ୨୨ କେଜି ଗଞ୍ଜେଇ ଜବତ, ୨ ଗିରଫ

**ଚିତ୍ରକୋଣ୍ଡା,୨୯।୧୦(ଡି.ଏନ.ଏ.)**

ଏସଆଇ ବିଜୟ ମାଝୀଙ୍କ ନେତୃତ୍ୱରେ ଚିତ୍ରକୋଣ୍ଡା ପୋଲିସର ଏକ ଟିମ ଟନେଲ କ୍ୟାମ୍ପ, ମନ୍ତ୍ରୀପୁଟ, ସ୍ପିଲୱେ ଅଞ୍ଚଳରେ ରାତ୍ରିକାଳୀନ ପାଟ୍ରୋଲିଂ ବେଳେ ସନ୍ଦେହରେ ଏକ ବାଇକ୍ (ଓଡି ୩୦ ଏ-୫୩୩୭)କୁ ଅଟକାଇ ଯାଞ୍ଚ କରିଥିଲେ। ଯାଞ୍ଚ ବେଳେ ଦୁଇ ଜଣ ବ୍ୟକ୍ତି ଜଙ୍ଗଲ ଆଡକୁ ଦୌଡ଼ି ପଳାଇଥିଲେ। ମାତ୍ର ପୋଲିସ ସେମାନଙ୍କୁ ପିଛା କରି କାବୁ କରିଥିଲା। ସେମାନଙ୍କଠାରୁ ଗଞ୍ଜେଇ ଜବତ କରି ଉଭୟଙ୍କୁ ଥାନାକୁ ନେଇଥିଲା। ଜବତ ଗଞ୍ଜେଇର ପରିମାଣ ୨୨ କେଜି ୧୦୦ ଗ୍ରାମ ବୋଲି ଜଣାପଡ଼ିଛି। ଏହି ଗଞ୍ଜେଇ ସେମାନେ ଆନ୍ଧ୍ର ଅଞ୍ଚଳକୁ ଚାଲାଣ କରୁଥିଲେ। ଏନେଇ ୧୪୮/୨୨ରେ ଏକ ମାମଲା ରୁଜୁ କରି ଅଭିଯୁକ୍ତ ତିଳି ଗୋଲରି ଓ ମଳିକି ପାଙ୍ଗିଙ୍କୁ କୋର୍ଟଚାଲାଣ କରାଯାଇଥିବା ଓଆଇସି ଅନିଲ ପରିଡ଼ା କହିଛନ୍ତି।

## ସେଲ୍ଫି କର୍ଣ୍ଣର ଧରିତ୍ରୀ

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି

rgdselfie@gmail.com



@ ବିକାଶ



@ ଜ୍ୟୋତିରାଣୀ



@ ନିରନ



@ ସଞ୍ଜୟ

ଆପଣମାନେ ପରିବାର ସଦସ୍ୟ, ସାଙ୍ଗ କିମ୍ବା ସମ୍ପର୍କୀୟଙ୍କ ଗହଣରେ ଉଠାଉଥିବା ସେଲ୍‌ଫିକୁ ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ। ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

# ଦାବି ପୂରଣ ନ ହେଲେ ଆନ୍ଦୋଳନ ଚେତାବନୀ

**ରାୟଗଡ଼ା ଅଫିସ/ଗୁଣପୁର/ ରାମନାଗୁଡ଼ା/ବିଷମକଟକ, ୨୯।୧୦(ଡି.ଏନ୍.ଏ.)**

ରାୟଗଡ଼ା ଜିଲାର ବିଭିନ୍ନ ବ୍ଲକର ପ୍ରାଥମିକ ଶିକ୍ଷକ ସଂଘ ପକ୍ଷରୁ ବିଭିନ୍ନ ଦାବି ନେଇ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଦାବିପତ୍ର ପ୍ରଦାନ କରାଯାଇଛି। ରାୟଗଡ଼ା ସଦର ବ୍ଲକ ପ୍ରାଥମିକ ଶିକ୍ଷକ ସଂଘର ସଦସ୍ୟମାନେ ରୟତ କଲୋନୀ ସ୍ଥିତ ଶିବ ମନ୍ଦିର ପ୍ରାଙ୍ଗଣରୁ ଏକ ଶୋଭାଯାତ୍ରା ବାହାରି ବିଇଓଙ୍କ କାର୍ଯ୍ୟାଳୟରେ ପହଞ୍ଚିଥିଲେ। ସେଠରେ ବିଇଓଙ୍କୁ ଦାବିପତ୍ର ପ୍ରଦାନ କରିଥିଲେ। ସଂଘ ପକ୍ଷରୁ ଚୁକ୍ତି ଭିତ୍ତିକ କର୍ମଚାରୀଙ୍କୁ ନିୟମିତ କରିବା ଘୋଷଣା ପାଇଁ ମୁଖ୍ୟମନ୍ତ୍ରୀଙ୍କୁ ଧନ୍ୟବାଦ ଜଣାଇବା ସହ ୬ ବର୍ଷର ଚୁକ୍ତିଭିତ୍ତିକ ଚାକିରୀ ଅବଧିର ପ୍ରତି ବର୍ଷ ହିସାବରେ ଦରମା ଭତ୍ତା ବୃଦ୍ଧି ଏବଂ ପଦୋନ୍ନତି, ପ୍ରାଥମିକ ଶିକ୍ଷକଙ୍କୁ ୨୮୦୦ ଗ୍ରେଡ୍ ପେ ପ୍ରଦାନ, ପୁରୁଣା ପେନସନ୍ ପୁନଃ କାର୍ଯ୍ୟକାରୀ, ଏକ୍ସ-କ୍ୟାଡର ପ୍ରଥା ଉଚ୍ଛେଦ ଏବଂ ଚୁକ୍ତିଭିତ୍ତିକ ନିଯୁକ୍ତି ଉଚ୍ଛେଦ ସହ କନିଷ୍ଠ ଶିକ୍ଷକଙ୍କୁ ନିୟମିତ କରିବା ନେଇ ଦାବି କରାଯାଇଛି। ଆଗାମୀ ଦିନରେ ଦାବିଗୁଡ଼ିକ ପୂରଣ ନ ହେଲେ ପୁଣି ଆନ୍ଦୋଳନ କରାଯିବ ବୋଲି ସଂଘ ଚେତାବନୀ ଦେଇଛି।

ଗୁଣପୁର ଠାରେ ଶିକ୍ଷକ ମାନେ ଉପଜିଲାପାଳଙ୍କ କାର୍ଯ୍ୟାଳୟ ନିକଟରେ ପହଞ୍ଚି ପ୍ରତିବାଦ ସଭା କରିବା ସହ ଗୁଣପୁର ଉପଜିଲାପାଳଙ୍କ ଜରିଆରେ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଦାବିପତ୍ର ସହକାରୀ ଜିଲାପାଳ ରାଜେନ୍ଦ୍ର ପ୍ରସାଦ ଚୌଧୁରିଙ୍କୁ ପ୍ରଦାନ କରିଥିଲେ। ମିଳିତ ପ୍ରାଥମିକ ଶିକ୍ଷକ ସଂଘର ସଭାପତି ଶିବ ପ୍ରସାଦ ଓରଫ ଟୋନି ମହାପାତ୍ରଙ୍କ ସଭାତିତ୍ୱରେ ହୋଇଥିବା କାଯର୍ଯ୍ୟକ୍ରମରେ ସୂର୍ଯ୍ୟ ପଣ୍ଡା, ବି.ମଉଳି, ନିରାକାର ସାହୁ, ଦୁର୍ଯ୍ୟୋଧନ ବଦ୍ରି, ସୁରେଶ ଚୌଧୁରି, ସଞ୍ଜିବ ପଟ୍ଟନାୟକ ପ୍ରମୁଖଙ୍କ ନେତୃତ୍ୱରେ ଦାବିପତ୍ର ପ୍ରଦାନ କରାଯାଇଥିଲା। ଗୁଣପୁର ବିଡିଓ ଶାନ୍ତିପ୍ରଭା ପ୍ରଧାନ ଏବଂ ଏବିଇଓ ସବିତା ଶବରଙ୍କୁ ମଧ୍ୟ ଦାବିପତ୍ର ପ୍ରଦାନ କରାଯାଇଛି।

**ମିଳିତ ପ୍ରାଥମିକ ଶିକ୍ଷକ ସଂଘ ପକ୍ଷରୁ ଦାବିପତ୍ର**

ରାମନାଗୁଡ଼ା ଠାରେ ସଂଘର ସଦସ୍ୟମାନେ ଆବାହକ ଅଶ୍ୱିନୀ ତ୍ରିପାଠୀ ଓ ଗୋବିନ୍ଦ ମାଣ୍ଡାଙ୍ଗିଙ୍କ ନେତୃତ୍ୱରେ ଶୋଭାଯାତ୍ରା ବାହାରି ରାମନାଗୁଡା ବ୍ଲକ କାର୍ଯ୍ୟାଳୟ ଠାରେ ପହଞ୍ଚିଥିଲେ। ସେଠାରେ ବିଡିଓ ପ୍ରଭାତୀ ଝୋଡ଼ିଆଙ୍କୁ ଦାବିପତ୍ର ପ୍ରଦାନ କରାଯାଇଛି। ଏହାର ନକଲ ବିଇଓଙ୍କୁ ମଧ୍ୟ ପ୍ରଦାନ କରାଯାଇଛି। ଏହି ସମୟରେ ଗୌରୀ ପଟ୍ଟନାୟକ, ରମେଶ ମିଶ୍ର, ଲଳିତ ଚୌଧୁରୀ, ସୁଧାକର ପାତିକା, ପେ.ନାଗାଙ୍କ ସହ ଶତାଧିକ ଶିକ୍ଷୟିତ୍ରୀ ଶିକ୍ଷକ ଉପସ୍ଥିତ ଥିଲେ।

ବିଷମକଟକ ବ୍ଲକରେ ଶିକ୍ଷକମାନେ ବ୍ଲକ କାର୍ଯ୍ୟାଳୟ ନିକଟରେ ବିକ୍ଷୋଭ ପ୍ରଦର୍ଶନ କରିବା ସହ ବିଡିଓଙ୍କ ଜରିଆରେ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଦାବିପତ୍ର ପ୍ରଦାନ କରିଛନ୍ତି। ମିଳିତ ଶିକ୍ଷକ ସଂଘର ସାଧାରଣ ସମ୍ପାଦକ କାଳିନ୍ଦୀ ଚରଣ ନାୟକ, ସଭାପତି ଶରତ ଚନ୍ଦ୍ର ଆଚାର୍ଯ୍ୟ,ସମ୍ପାଦକ ବିଶ୍ୱନାଥ ନିମାଳପୁରୀ, କୋଷାଧକ୍ଷ ରମାକାନ୍ତ ବେରଦଲେଇ, ଉପ ସଭାପତି ଆକାଶ ହିଆଲ, ହରିଦାସ ଭାତ୍ରା ଏବଂ ଯୁଗ୍ମ ସମ୍ପାଦକ ରାଜେଶ ବିଶ୍ୱାଳ, ରଶ୍ମିତା ହିଆଳଙ୍କ ନେତୃତ୍ୱରେ ଶିକ୍ଷୟିତ୍ରୀ ଶିକ୍ଷକମାନେ ସାମିଲ ଥିଲେ।

### ପଦ୍ମପୁର ବ୍ଲକସ୍ତରୀୟ ସୁରଭି କାର୍ଯ୍ୟକ୍ରମ

**ପଦ୍ମପୁର,୨୯।୧୦(ଡି.ଏନ୍.ଏ.)**



ପଦ୍ମପୁର ବ୍ଲକ ଖିଲାପଦର ହାଇସ୍କୁଲ ପ୍ରାଙ୍ଗଣରେ ବ୍ଲକସ୍ତରୀୟ ସୁରଭି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ୧୩ ପଞ୍ଚାୟତର ପୂର୍ବରୁ ବିଭିନ୍ନ ପ୍ରତିଯୋଗିତାରେ ପ୍ରଥମ ହୋଇଥିବା ପ୍ରତିଯୋଗୀଙ୍କୁ ନେଇ କର୍ଯ୍ୟକ୍ରମ ହୋଇଥିଲା। ଏଥିରେ ମୁଖ୍ୟ ଅତିଥି ଭାବେ ପଦ୍ମପୁର ବିଇଓ ସୁବାସ ଚନ୍ଦ୍ର ଶବର, ତହସିଲଦାର ପ୍ରାଣକୃଷ୍ଣ ପାଣିଗ୍ରାହୀ, ସମ୍ମାନିତ ଅତିଥି ରୂପେ ଖିଲାପଦର ସମିତି ସଭ୍ୟା ଉଷାରାଣୀ ଗମାଙ୍ଗ, ଏବିଇଓ ନିର୍ମଳା ସାହୁ ଓ ସତ୍ୟ ନାରାୟଣ ନାୟକ, ପ୍ରଧାନ ଶିକ୍ଷୟିତ୍ରୀ ପ୍ରଣତି ପାଣିଗ୍ରାହୀ ଯୋଗ ଦେଇଥିଲେ। କାର୍ଯ୍ୟକ୍ରମରେ କ୍ଲଷ୍ଟର ସ୍ତରୀୟ କୃତୀ ପ୍ରତିଯୋଗୀଙ୍କୁ ନେଇ ବିଭିନ୍ନ ବର୍ଗର ପ୍ରତିଯୋଗିତା ଆୟୋଜିତ ହୋଇଥିଲା। ବରିଷ୍ଠ ବର୍ଗରେ ଗୁଡ଼ଲା ରାହୁଲ, ଶ୍ରୀୟା ପାଲକା, ଅଂଶୁମାନ ଯୋଗୀ, ଏମ୍.ମେଘୁଆ, କାର୍ତ୍ତିକ କୁମାର ସାହୁ, ସୁଶାନ୍ତି ମାଝୀ, ରୋହିତ ସାହୁ, ଅର୍ପିତା କୈବର୍ତ୍ତ ଜିଲାସ୍ତରକୁ ଚୟନ ହୋଇଛନ୍ତି। ସେହିପରି କନିଷ୍ଠ ବର୍ଗରେ ଜାଲିଲିର ରୂପେଶ ଶବର, ଜୁମୁରୁଗୁଡ଼ାର ବଳରାମ ବେହେରା, ରାୟଲପଦରର ଦିପ୍ତୀରାଣୀ ଗୌଡ଼, ଶ୍ରୀରାମପୁରର ସ୍ୱାଗତ କୁମାର ବୀର, ନାଇରାର ଯମୁନା ପାଲକା, ଗୁଡ଼ିଆବନ୍ଧର ବାସନ୍ତୀ ପାଲକା ଜିଲାସ୍ତରକୁ ଚୟନ ହୋଇଛନ୍ତି। ଉକ୍ତ କାର୍ଯ୍ୟକ୍ରମରେ ବ୍ଲକର ସମସ୍ତ ସିଆର୍‌ସିସି ଓ ଗ୍ରାମବାସୀ ଉପସ୍ଥିତ ଥିଲେ।

# ୪ ମାସ ହେଲା ମିଳୁନି ଚାଉଳ

**ପାପଡାହାଣ୍ଡି,୨୯।୧୦(ଡି.ଏନ୍.ଏ.)**

କେନ୍ଦ୍ର ଓ ରାଜ୍ୟ ସରକାର ଖାଦ୍ୟ ସୁରକ୍ଷା ଯୋଜନାରେ ଗରୀବ ତଥା ଅସହାୟ ଲୋକଙ୍କ ଲାଗି ଚାଉଳ ବଣ୍ଟନ କରୁଛନ୍ତି। ହେଲେ ଅନେକ ହିତାଧିକାରୀଙ୍କୁ ବିଭିନ୍ନ ଆଳରେ ଠିକ ସମୟରେ ଚାଉଳ ଦିଆଯାଉନି। ତଦନ୍ତରେ ଶିଥିଳତା ଯୋଗୁ ଏହାର ଟେର ଦିନକୁ ଦିନ ବଢ଼ିବାରେ ଲାଗିଛି। ରାଜନୈତିକ ଅଭିସନ୍ଧି ରଖି ନବରଙ୍ଗପୁର ଜିଲା ପାପଡାହାଣ୍ଡି ବ୍ଲକ ୱାର୍ଡ ବାସୀ ୪ମାସ ହେଲା ଚାଉଳ ଦିଆଯାଉ ନ ଥିବା ଅଭିଯୋଗ ହୋଇଛି। ପଣ୍ଡିକୋଟ ପଞ୍ଚାୟତରେ ହିତାଧିକାରୀଙ୍କୁ ୪ ମାସ ଚାଉଳ ମିଳିନି।

ପଣ୍ଡିକୋଟ ପଞ୍ଚାୟତରେ ୧୩ ୱାର୍ଡ ରହିଛି। ଚାନ୍ଦଲି ଗ୍ରାମକୁ ୦୧ ଓ ୦୨ ୱାର୍ଡରେ ବିଭକ୍ତ କରାଯାଇଛି। ଉକ୍ତ ୱାର୍ଡର ଖାଦ୍ୟ ସୁରକ୍ଷା ଯୋଜନାର ପ୍ରାୟ ୩୦୦ରୁ ଊର୍ଦ୍ଧ୍ୱ ହିତାଧିକାରୀ ଅଗଷ୍ଟ ମାସର ଚାଉଳ ପାଇନାହାନ୍ତି। ବାରମ୍ବାର ଅଭିଯୋଗ ସତ୍ତ୍ୱେ ଚାଉଳ ମିଳିନି। ଅଗଷ୍ଟ ଓ ସେପ୍ଟେମ୍ବର ମାସର ଟୋକେନ ମିଳିଥିଲେ ମଧ୍ୟ ଚାଉଳ ଦିଆଯାଇ ନାହିଁ। ଯୋଗାଣ ସହାୟକ ଚାନ୍ଦଲି ଗ୍ରାମକୁ ଆସି ଅକ୍ଟୋବର ଓ ନଭେମ୍ବରର ଟୋକେନ ଦେଇ ଯିବାକୁ ୧୫ ଦିନ ବିତିଯାଇଥିଲେ ବି ଚାଉଳ ଲୋକେ ପାଇନାହାନ୍ତି। ରାଜନୈତକ ଶତ୍ରୁତା ଯୋଗୁ ସରପଞ୍ଚ ବାବୁଲା ଭତରା ଏଭଳି କାର୍ଯ୍ୟ କରୁଛନ୍ତି ବୋଲି ଗ୍ରାମବାସୀ ଅଭିଯୋଗ କରିଛନ୍ତି। ଗତ ନିର୍ବାଚନରେ ଏହି ୨ ୱାର୍ଡରୁ ତାଙ୍କୁ ଭୋଟ ମିଳି ନ ଥିବାରୁ

**ରାଜନୈତିକ ଅଭିସନ୍ଧି ରଖି ସରପଞ୍ଚ ଚାଉଳ ଦେଉ ନ ଥିବା ଅଭିଯୋଗ**

ସେ ଏପରି କରୁଥିବା ୱାର୍ଡବାସୀ କହିଛନ୍ତି। ପଞ୍ଚାୟତର ଏହି ୨ ୱାର୍ଡକୁ ଛାଡି ଅନ୍ୟ ସବୁଠି ଚାଉଳ ମିଳୁଛି ବୋଲି ଗ୍ରାମବାସୀ କହିଛନ୍ତି। ଗ୍ରାମରେ ବହୁ ଗରୀବ ଲୋକେ ଏହି ଚାଉଳ ଉପରେ ନିର୍ଭର କରନ୍ତି ବୋଲି ସେମାନେ କହିଛନ୍ତି। ଏନେଇ ଯୋଗାଣ ସହାୟକ ସଦାଶିବ ହରିଜନଙ୍କୁ ପଚାରିବାରୁ ସରପଞ୍ଚ ଟୋକେନ କାଟିବା ଲାଗି କହିଛନ୍ତି। ସରପଞ୍ଚ ଦାୟିତ୍ୱ ନେଇ ଚାଉଳ ବଣ୍ଟନ କରୁଛନ୍ତି। ସରପଞ୍ଚ ବାବୁଲା ଭତରାଙ୍କୁ ପଚାରିବାରୁ ସେ ଅଭିଯୋଗକୁ ଖଣ୍ଡନ କରିଛନ୍ତି। ଅଗଷ୍ଟ ମାସରୁ ପ୍ରତେକ ହିତାଧିକାରୀଙ୍କୁ ମାସିକ ମୁଣ୍ଡ ପିଛା ୪ କିଲୋ ଚାଉଳ ସହ ଏକ କିଲୋ ମାଣ୍ଡିଆ ଦେବାକୁ ନିର୍ଦ୍ଦେଶ ରହିଛି। ଆମ ନିକଟରେ ବର୍ତ୍ତମାନ ମାଣ୍ଡିଆ ଷ୍ଟକ ନାହିଁ। ୧୮ କୁଇଣ୍ଟାଲ ୪୪ କେଜି ମାଣ୍ଡିଆ ଆସିବାର ଅଛି। ରବିବାର ଚାଉଳ ବଣ୍ଟନ କରାଯିବ ବୋଲି ସରପଞ୍ଚ କହିଛନ୍ତି। ଚାଉଳ ଗୋଦାମରେ ଅଛି ନା ନାହିଁ ଏହାର ତଦନ୍ତ କରାଯାଉ ବୋଲି ଗ୍ରାମର କରୁଣା ଜାନୀ, ମୋତି ସୌରା, ନୀଳବତୀ ସୌରା, ଚନ୍ଦ୍ରା ଜାନୀ, ନିଶା ସୌରା, ପଦମା ଜାନୀ, ସାବିତ୍ରୀ ଯାନୀ,ବିମଳା ଯାନୀ,ରାଧା ଯାନୀ,ତୁଳାବତୀ ଯାନୀ,ଉର୍ମିଳା ଯାନୀ,ଲଳିତା ସୌରା, ସୁନ୍ଦରମଣି ସୌରା,ଗୋମତୀ ସୌରା ହୀରାମଣି ଯାନୀ ପ୍ରମୁଖ ଦାବି କରିଛନ୍ତି।

# ଜିଲାସ୍ତରୀୟ ବିପର୍ଯ୍ୟୟ ପ୍ରସ୍ତୁତି, ପ୍ରଶମନ ଦିବସ

**ରାୟଗଡ଼ା ଅଫିସ,୨୯।୧୦**

ଓଡ଼ିଶା ବିପର୍ଯ୍ୟୟ ପ୍ରଶମନ ସଂସ୍ଥା ଆନୁକୂଲ୍ୟରେ ରାୟଗଡ଼ା ଜିଲାସ୍ତରୀୟ ଏବଂ ସମସ୍ତ ୧୧ ବ୍ଲକରେ ବ୍ଲକ ସ୍ତରୀୟ ଜାତୀୟ ବିପର୍ଯ୍ୟୟ ପ୍ରଶମନ ଦିବସ ଶନିବାର ପାଳିତ ହୋଇଯାଇଛି। ରାୟଗଡ଼ା ଠାରେ ଜିଲାସ୍ତରୀୟ କାର୍ଯ୍ୟକ୍ରମରେ ଅତିରିକ୍ତ ଜିଲାପାଳ ସୋମନାଥ ପ୍ରଧାନଙ୍କ ଅଧକ୍ଷତାରେ ହୋଇଥିବା ବୈଠକରେ ବିପର୍ଯ୍ୟୟ ଦିବସର ତାତ୍ପର୍ଯ୍ୟ ବିଷୟରେ ଆଲୋଚନା ହୋଇଥିଲା। ୧୯୯୯ ମହାବାତ୍ୟାକୁ ମନେ ପକାଇବା ସହ ସମ୍ଭାବ୍ୟ ବନ୍ୟା, ବାତ୍ୟା ଓ ମରୁଡି ଭଳି ପ୍ରାକୃତିକ ବିପର୍ଯ୍ୟୟ ପ୍ରତି ସଜାଗ ରହି ତାହାର ସଫଳ ମୁକାବିଲା ପାଇଁ ସମସ୍ତଙ୍କୁ ପରାମର୍ଶ ଦେଇଥିଲେ। ବିପର୍ଯ୍ୟୟ ସମୟରେ ନିଜର ଏବଂ ଅନ୍ୟର ଜୀବନ ରକ୍ଷା କରିବାର ଆବଶ୍ୟକତା ବିଷୟରେ କହିଥିଲେ।

ମହାବାତ୍ୟା ପରେ ରାଜ୍ୟ ସରକାରଙ୍କ ପ୍ରାକୃତିକ ବିପର୍ଯ୍ୟୟ ପରିଚାଳନା କ୍ଷେତ୍ରରେ ସଫଳତା ପାଇଁ ଜାତୀୟ ସ୍ତରରେ ପ୍ରଶଂସିତ ହୋଇଥିବା ବିଷୟରେ ଆଲୋଚନା ହୋଇଥିଲା। ବିପର୍ଯ୍ୟୟ ପରିଚାଳନା ଦିଗରେ କେବଳ ପ୍ରଶାସନ ନୁହେଁ ସମସ୍ତ ଜନ ପ୍ରତିନିଧି ସ୍ୱେଚ୍ଛାସେବୀ ଏବଂ ଗଣମାଧ୍ୟମ ପ୍ରତିନିଧିଙ୍କ ପ୍ରମୁଖ ଭୂମିକା ରହିଥିବା ନେଇ ମତପ୍ରକାଶ ପାଇଥିଲା। ଏହି ଦିବସ ଉପଲକ୍ଷେ ଆୟୋଜିତ ବିଭିନ୍ନ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀଙ୍କୁ କାର୍ଯ୍ୟକ୍ରମରେ ପୁରସ୍କୃତ କରାଯାଇଥିଲା। ଅନ୍ୟମାନଙ୍କ ମଧ୍ୟରେ ସଚ୍ଛ ସାଥି, ଏସ୍‌ଏଚ୍‌ଜି, ସ୍ୱେଚ୍ଛାସେବୀ ସଙ୍ଗଠନ ସହ ଗୁଣପୁର ଉପଜିଲାପାଳ ଲୋକନାଥ ଦଳାବେହେରା, ଆସିଷ୍ଟାଣ୍ଟ କଲେକ୍ଟର ସୁକାନ୍ତ ପ୍ରଧାନ, ଆଇଟିଡିଏ ପିଏ ପଦ୍ମ ଚରଣ ନାୟକ, ଜିଲା ସମାଜ ମଙ୍ଗଳ ଅଧିକାରୀ ଯାଜ୍ଞସେନି ବେହେରା, ଜିଲା ଶିଶୁ ସୁରକ୍ଷା ଅଧିକାରୀ ରମେଶ ଚନ୍ଦ୍ର ନାୟକ, ଡିଆଇପିଆର୍‌ଓ ବସନ୍ତ କୁମାର ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ। କାର୍ଯ୍ୟକ୍ରମକୁ ଜିଲା ଜରୁରୀ କାଳୀନ ବିଭାଗ ଜିଲା ପ୍ରକଳ୍ପ ଅଧିକାରୀ ଜ୍ୟୋତିର୍ମୟ ପାତ୍ର ପରିଚାଳନା କରିଥିବା ବେଳେ ଜିଲା ଜରୁରୀକାଳୀନ ଅଧିକାରୀ ଧନ୍ୟବାଦ ଦେଇଥିଲେ।

### ବ୍ଲକସ୍ତରୀୟ ବିପର୍ଯ୍ୟୟ ପ୍ରଶମନ ଦିବସ

**ରାୟଗଡ଼ା ଅଫିସ,୨୯।୧୦**

ରାୟଗଡ଼ା ବ୍ଲକ୍ ସଦଭାବନା ସଭାଗୃହରେ ବ୍ଲକ ସ୍ତରୀୟ ବିପର୍ଯ୍ୟୟ ପ୍ରଶମନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏଥିରେ ରାୟଗଡ଼ା ଉପଜିଲାପାଳ ଭୀମସେନ ଶବର ମୁଖ୍ୟ ଅତିଥି ରୂପେ ଯୋଗଦେଇ ପ୍ରାକୃତିକ ବିପର୍ଯ୍ୟୟ କ୍ଷେତ୍ରରେ ସମସ୍ତ ସରକାରୀ ବିଭାଗୀୟ ଅଧିକାରୀ, ନିର୍ବାଚିତ ପ୍ରତିନିଧି ଓ ଜନସାଧାରଣଙ୍କ ମହତ୍ୱପୂର୍ଣ୍ଣ ଭୂମିକା ବିଷୟରେ ସଚେତନ କରିଥିଲେ। ଏଥିରେ ଶିକ୍ଷା, ସ୍ୱାସ୍ଥ୍ୟ, ଜଙ୍ଗଲ, ମହିଳା ଓ ଶିଶୁ ବିକାଶ, ଜୀବିକା ମିଶନ, ବ୍ଲକର ସମ୍ପ୍ରସାରଣ ଅଧିକାରୀ, ପଞ୍ଚାୟତ ନିର୍ବାହୀ ଅଧିକାରୀ, ସରପଞ୍ଚ ଓ ସମିତି ସଭ୍ୟାସଭ୍ୟ ଯୋଗ ଦେଇଥିଲେ। ସଫଳ ଶିକ୍ଷକ ନିରାଞ୍ଜଳ ମିଶ୍ର କାର୍ଯ୍ୟକ୍ରମର ଉଦ୍ଦେଶ୍ୟ ଜ୍ଞାପନ କରିଥିବାବେଳେ ସାମାଜିକ ସୁରକ୍ଷା ଅଧିକାରୀ ରଞ୍ଜିତା ବେହେରା ଏହାକୁ ପରିଚାଳନା କରିଥିଲେ। ଏବିଡିଓ କାଳୁ ଚରଣ ନାୟକ ଧନ୍ୟବାଦ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ତହସିଲଦାର ତାପସ ରାଉତ, ସ୍ୱାସ୍ଥ୍ୟ ଅଧିକାରୀ ସୁନୀଲ ପ୍ରସାଦ ମହାପାତ୍ର, ଉପଖଣ୍ଡ ସାମାଜିକ ସୁରକ୍ଷା ଅଧିକାରୀ ଶ୍ରୀକାନ୍ତ ପାଣିଗ୍ରାହୀ, ସିଡିପିଓ ମୀନାକ୍ଷୀ ଦାଶ, ଜିପିଇଓ ଗୋପାଳ ପଣ୍ଡା, ସ୍ୱେଚ୍ଛାସେବୀ ଅନୁଷ୍ଠାନ ଭର୍ଦ୍ଧ୍ୟର ନିର୍ଦ୍ଦେଶକ ଚନ୍ଦ୍ରଭାନୁ ସିଂ, ବିଇଓ, ସିଆରସିସି ପ୍ରମୁଖ ଯୋଗ ଦେଇଥିଲେ।





କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥିମାନେ ।

ଧରିତ୍ରୀ
DHARITRI
ରାୟଗଡ଼ା, ରବିବାର, ୩୦ ଅକ୍ଟୋବର, ୨୦୨୨

## ବାଣ ଫୁଟି ୩ ଶିଶୁ ଆହତ

ଜୟପୁର,(ନି.ପ୍ର.)-ଜୟପୁର ଅଞ୍ଚଳରେ ବାଣ ଫୁଟି ୩ ଜଣ ଶିଶୁ ଆହତ ହୋଇଛନ୍ତି। ନାଗ ପଞ୍ଚମୀ ଅବସରରେ ଜୟପୁର ନିକଟସ୍ଥ ଗେଟଗୁଡାଠାରେ ସାପ ଗାତ ନିକଟରେ କେତେକ ଶ୍ରଦ୍ଧାଳୁ ବାଣ ଫୁଟାଇ ଥିଲେ। ସେଥିରୁ କିଛି ବାଣ ଫୁଟି ନ ଥିଲା। ଶ୍ରଦ୍ଧାଳୁମାନେ ଚାଲିଯିବା ପରେ ସେହି ଅଫୁଟା ବାଣ ଫୁଟିଥିଲା। ଏହି ସମୟରେ ସେଠାରେ ଉପସ୍ଥିତ ରହି ଦେଖୁଥିବା ୩ ଜଣ ଶିଶୁ ଆହତ ହୋଇଥିଲେ। ସେମାନଙ୍କୁ ତୁରନ୍ତ ଜୟପୁର ଜିଲା ମୁଖ୍ୟ ଚିକିତ୍ସାଳୟ ରେ ଭର୍ତ୍ତିକରାଯାଇଥିଲା। ଜଣେ ଶିଶୁଙ୍କ ଅବସ୍ଥା ଗୁରୁତର ହେବାରୁ ତାଙ୍କୁ କୋରାପୁଟ ସ୍ଥାନାନ୍ତର କରାଯାଇଛି।



## ସଂକ୍ଷେପରେ

### ଦୃଷ୍ଟିବାଧିତ ବାଳିକାଙ୍କୁ ମିଳିଲା ସହାୟତା

## ଅସ୍ତ୍ରୋପଚାର ନେଇ ସହଯୋଗ କଲେ ରୋଟାରି କ୍ଲବ, ଜେଇଏଲ୍‌ସି ସଂସ୍ଥା



ମାଲକାନଗିରି,୨୯।୧୦(ଡି.ଏନ୍.ଏ.)- ମାଲକାନଗିରି ଜିଲା ସଦର ମହକୁମା ଆଶୀର୍ବାଦ କଲୋନିର ସହଦେବ ବେନିଆ ସପରିବାର ବସବାସ କରନ୍ତି। ସ୍ତ୍ରୀ ଶାନ୍ତି ଓ ଝିଅ ପାୟଲ(୧୫) ନେଇ ତାଙ୍କ ସଂସାର ସୁରୁଖୁରୁରେ ଚାଲିଥିବା ବେଳେ ହଠାତ୍ ଝିଅ ପାୟଲ ଦୃଷ୍ଟିବାଧିତ ହେବା ପରିବାର ଲୋକଙ୍କୁ ଚିନ୍ତାରେ ପକାଇଛି। ଦଶମ ଶ୍ରେଣୀ ପାସ୍ କରି ଘରେ ଥିବା ପାୟଲଙ୍କ ଦୃଷ୍ଟି ସମସ୍ୟା ଦୁଇବର୍ଷ ତଳୁ ଆରମ୍ଭ ହୋଇଥିଲା। ଧୀରେ ଧୀରେ ତାଙ୍କ ଆଖିକୁ କିଛି ଦେଖାଗଲାନାହିଁ। ଏନେଇ ମାଆବାପା ପାୟଲଙ୍କୁ ବିଭିନ୍ନ ଡାକ୍ତରଖାନାକୁ ନେଇ ଡାକ୍ତରଙ୍କ ପରାମର୍ଶରେ ଔଷଧ ଦେଇଥିଲେ ମଧ କିଛି ସୁଫଳ ମିଳି ନ ଥିଲା। ଶେଷରେ ପାୟଲଙ୍କ ଆଖି ଅସ୍ତ୍ରୋପଚାର ପାଇଁ ଡାକ୍ତର ପରାମର୍ଶ ଦେଇଥିଲେ। ଅର୍ଥ ଅଭାବରୁ ପରିବାର ଲୋକେ ଝିଅର ଆଖି ଅସ୍ତ୍ରୋପଚାର କରିପାରୁ ନ ଥିଲେ। ଏହି ଖବର ପାଇ ମାଲକାନଗିରି ଜିଲା ରୋଟାରି କ୍ଲବ ସଭାପତି ଏ. ଈଶ୍ୱର ରାଓ, ସମ୍ପାଦକ ଶ୍ୟାମବାବୁ ଦୋରା, ରୋଟାରିଆନ୍ ନୀତୀଶ ସରକାର, ସହଦେବଙ୍କ ଘରକୁ ଯାଇ ଆଖି ଅପରେଶନ ଲାଗି ୧୦ ହଜାର ଟଙ୍କା ସହାୟତା ପ୍ରଦାନ କରିଛନ୍ତି। ଜିଲାର ଜେଇଏଲ୍‌ସିର ଉପସଭାପତି ଆଶିଷ ଦୋରା, ସମ୍ପାଦକ ସୁନୀଲ ଚପାଡି ମଧ ୧୦ ହଜାର ଟଙ୍କା ଦେଇଛନ୍ତି। ଭୁବନେଶ୍ୱରସ୍ଥିତ ଏଲ୍.ଭି. ପ୍ରସାଦ ରାଓ ଚକ୍ଷୁ ଚିକିତ୍ସାଳୟରେ ପାୟଲଙ୍କ ଅସ୍ତ୍ରୋପଚାର କରାଯିବାକୁ ସ୍ଥିର ହୋଇଛି।

### ନିୟମିତ ମାନ୍ୟତା ଦାବି

## ଆନ୍ଦୋଳନ ନେଇ ଆଶା କର୍ମୀ ସଂଘର ନିଷ୍ପତ୍ତି

କୁନ୍ଦୁରା,୨୯।୧୦ (ଡି.ଏନ.ଏ.)- କୁନ୍ଦୁରା ବ୍ଲକ ଶାସ୍ତ୍ରି ମଇଦାନ ମଣ୍ଡପଠାରେ ବ୍ଲକ ଆଶା କର୍ମୀ ସଂଘ ସଭାନେତ୍ରୀ ଶାନ୍ତିଲତା ସାହୁଙ୍କ ଅଧକ୍ଷତାରେ ଶନିବାର ଏକ ବୈଠକ ହୋଇଥିଲା। ୨୦୦୬ରୁ ଆଶାକର୍ମୀମାନେ କାର୍ଯ୍ୟ କରି ଆସୁଥିଲେ ସୁଦ୍ଧା ଏଯାଏ ସରକାର ସେମାନଙ୍କୁ ନିୟମିତ କରୁ ନାହାନ୍ତି। ଅଗାମୀ ଦିନରେ ଭୁବନେଶ୍ୱର ଠାରେ ଆନ୍ଦୋଳନ କରିବା ସହ କାର୍ଯ୍ୟ ସେମାନେ ବନ୍ଦ କରିବା ପାଇଁ ବୈଠକରେ ନିଷ୍ପତ୍ତି ହୋଇଛି। ଆଶାକର୍ମୀମାନଙ୍କୁ କମ ଦରମା ମିଳୁଥିଲେ ମଧ ସେମାନେ ଦିନ ରାତି ସେବା ଯୋଗାଇବାରେ ଅବହେଳା କରିନାହାନ୍ତିବୋଲି ଉପସ୍ଥିତ ମହାସଂଘ ସାଧାରଣ ସମ୍ପାଦକ କମଳା ବେହେରା କହିଛନ୍ତି। ବର୍ତ୍ତମାନ କୁନ୍ଦୁରା ବ୍ଲକରେ ୧୫୦ ଜଣ ଆଶାକର୍ମୀ କାର୍ଯ୍ୟ କରୁଛନ୍ତି। ସେମାନେ ଅର୍ନିର୍ଦ୍ଦିଷ୍ଟ କାଳ ପାଇଁ କାର୍ଯ୍ୟ ବନ୍ଦ କରି ଅନ୍ଦୋଳନ କରିବାକୁ ବୈଠକରେ ନିଷ୍ପତ୍ତି ନେଇଛନ୍ତି। ସରକାର ଯେତେ ଦିନ ଯାଏ ଆଶାକର୍ମୀଙ୍କୁ ନିୟମିତ କରିବା ସହ ସମାନ କାମକୁ ସମାନ ଦରମା ପ୍ରଦାନ କରିନାହାନ୍ତି ସେପର୍ଯ୍ୟନ୍ତ ଆଶାକର୍ମୀମାନେ କାର୍ଯ୍ୟରେ ଯୋଗ ଦେବେ ନାହିଁ ବୋଲି ସଂଘ ପକ୍ଷରୁ କୁହାଯାଇଛି। ଏହି ବୈଠକରେ ସଂଘର ରାଇମତି ପୂଜାରୀ, ସାବିତ୍ରୀ କେନ୍ଦୁ, ଗୀତା ସେଠୀ, ହେମଲତା ନାୟକ, ସୁମତି ପ୍ରଧାନି, ରାଧା ଖିଲ, କୁନି ହରିଜନ, ବାସନ୍ତୀ ବେହେରା, ଯଶୋଦା ଶ୍ୟାନ୍ତ, ମିନତି ବାହାଦୂରଙ୍କ ସମେତ ଅନ୍ୟମାନେ ଉପସ୍ଥିତ ଥିଲେ।

# ଦିଗହରା ହେଉଛି ଜନଶୁଣାଣି

ପଟ୍ଟାଙ୍ଗୀ,୨୯।୧୦(ଡି.ଏନ୍.ଏ.)

- ସୀମିତ କର୍ମଚାରୀରେ ଦାୟିତ୍ୱ ସାରିଲା ପ୍ରଶାସନ
- ନିଜ ଦୋଷ ଲୁଚାଇବାକୁ ହୋଇଥିଲା ଭରପୂର ଉଦ୍ୟମ
- ମୁଁ କିଛି କହିପାରିବିନି, ରଘୁରାମ ବାବୁଙ୍କୁ ପଚାର: ବିଡିଓ

କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ଦ୍ୱାରା ହେଉଥିବା ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟକୁ ନେଇ ଆରମ୍ଭ ହୋଇଥିବା ସାମାଜିକ ସମୀକ୍ଷା ତଥା ବ୍ଲକସ୍ତରୀୟ ଜନଶୁଣାଣି କାର୍ଯ୍ୟକ୍ରମ ଦିଗହରା ହୋଇପଡିଛି। ସୀମିତ କର୍ମଚାରୀଙ୍କୁ ନେଇ ପ୍ରଶାସନ ନାମକୁ ମାତ୍ର ଜନଶୁଣାଣି କରି ନିଜ ଦାୟିତ୍ୱ ସାରି ଦେଉଥିବା ଅଭିଯୋଗ ହେଉଛି। ଏପରି ଦେଖିବାକୁ ମିଳିଛି କୋରାପୁଟ ଜିଲା ପଟ୍ଟାଙ୍ଗୀ ବ୍ଲକ କାର୍ଯ୍ୟାଳୟ ପରିସରରେ।

କେନ୍ଦ୍ର ସରକାରଙ୍କ ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟ ରାଜ୍ୟ ସରକାରଙ୍କ ସହଯୋଗରେ ରାଜ୍ୟର ବିଭିନ୍ନ ଗ୍ରାମାଞ୍ଚଳରେ କାର୍ଯ୍ୟକାରୀ ହେଉଛି। ସରକାରୀ ଯୋଜନାରେ କିପରି ଲୋକଙ୍କ ଅଧିକାର ତଥା ଦାୟିତ୍ୱ ରହିବ ସେନେଇ କେନ୍ଦ୍ର ସରକାର ୨୦୦୫ରେ ସାମାଜିକ ସମୀକ୍ଷା କାର୍ଯ୍ୟକ୍ରମ ଆରମ୍ଭ କରିଥିଲେ। ଏହା ୨୦୦୯ରେ ଓଡ଼ିଶାରେ ଲାଗୁ ହୋଇଥିଲା। କାର୍ଯ୍ୟକ୍ରମର ନିୟମାବଳୀ ଅନୁସାରେ ପଞ୍ଚାୟତ ସ୍ତରରେ ହେଉଥିବା ଏମଜିଏନଆରଇଜିଏସ୍‌ର ସାମାଜିକ ସମୀକ୍ଷା ବା ଜନଶୁଣାଣି ପ୍ରତି ୬ ମାସରେ ଥରେ ହେବା ଆବଶ୍ୟକ। ଏଥିପାଇଁ ପଞ୍ଚାୟତ ଓ ବ୍ଲକ ସ୍ତରରେ ଲୋକଙ୍କୁ ନେଇ ଏକ କମିଟି ଗଠନ ହେବ। ଏହି କମିଟି ୬ ମାସ ମଧରେ ଗ୍ରାମାଞ୍ଚଳରେ ହୋଇଥିବା ଉନ୍ନୟନମୂଳକ କାର୍ଯ୍ୟର ଜନଶୁଣାଣି କରିବ। ଏହି ସମୟରେ ଉଠିଥିବା ଅଭିଯୋଗ ତଥା ସମସ୍ୟାକୁ ବ୍ଲକ ସ୍ତରରେ ହେବାକୁ ଥିବା ଜନଶୁଣାଣି ବେଳେ ସମାଧାନ ନେଇ ଗୁରୁତ୍ୱାରୋପ କରାଯିବ। ସମ୍ପୃକ୍ତ ଉନ୍ନୟନ କାର୍ଯ୍ୟରେ ନିୟୋଜିତ ଶ୍ରମିକ, ପଞ୍ଚାୟତର ଅଧିକାରୀ, ଯନ୍ତ୍ରୀ, ବ୍ଲକର ସମସ୍ତ ବିଭାଗର ଅଧିକାରୀଙ୍କ ସମେତ ଗଠିତ କମିଟିର ଅଧକ୍ଷ ଏବଂ ସଦସ୍ୟମାନେ ଉପସ୍ଥିତ ରହିବେ। ମାତ୍ର ପଟ୍ଟାଙ୍ଗୀ ବ୍ଲକରେ ଜନଶୁଣାଣି ବେଳେ ଏହି ନିୟମକୁ ଅଣଦେଖା କରାଯାଉଛି। ଶୁକ୍ରବାର ବ୍ଲକ କାର୍ଯ୍ୟାଳୟ ପରିସରରେ ଏମ୍‌ଜିଏନ୍‌ଆର୍‌ଇଜିଏସ୍, ଶିଶୁ ବିକାଶ, ପିଡିଏସ୍ ସାମଗ୍ରୀ ଏବଂ ବାର୍ଦ୍ଧକ୍ୟ ଭତ୍ତା ଆଦି କାର୍ଯ୍ୟକ୍ରମକୁ ନେଇ ଜନଶୁଣାଣି ଆୟୋଜିତ ହୋଇଥିଲା। ନିଜ ଦୋଷ ଲୁଚାଇବାକୁ ପ୍ରଶାସନ ଭରପୂର ଉଦ୍ୟମ କରିଥିଲା। କୌଣସି ଗଣମାଧମ ପ୍ରତିନିଧିଙ୍କୁ ଡକାଯାଇ ନ ଥିଲା। ଏକ ସଚେତନତା ବୈଠକ ପରି ଅଙ୍ଗନୱାଡି କର୍ମୀ, ପିଇଓ ଏବଂ ଜିଆର୍‌ଏସ୍‌ଙ୍କୁ ନେଇ ବ୍ଲକସ୍ତରୀୟ ଜନଶୁଣାଣି କାର୍ଯ୍ୟ କରାଯାଇଥିଲା। ପ୍ରଶାସନର ଏପରି ଅଣଦେଖା କେତେଦୂର ଠିକ୍ ବୋଲି କମିଟି ସଦସ୍ୟ ରଞ୍ଜିତ ପାଙ୍ଗୀ ପ୍ରଶ୍ନ ଉଠାଇଛନ୍ତି। ବ୍ଲକ ପ୍ରଶାସନର ଅପାରଗତା ପାଇଁ ଗ୍ରାମାଞ୍ଚଳ ଲୋକେ ନିଜ ଅଞ୍ଚଳରେ ହେଉଥିବା ଉନ୍ନୟନମୂଳକ କାର୍ଯ୍ୟରେ ଶ୍ରମିକ ଭାବେ କାମ ନ ପାଇ ବିଭିନ୍ନ ରାଜ୍ୟକୁ ଦାଦନ ଖଟିବାକୁ ଯାଉଛନ୍ତି ବୋଲି ସେ କହିଛନ୍ତି। ଏନେଇ ବିଡିଓ ସୌମ୍ୟ ସାର୍ଥକ ମିଶ୍ରଙ୍କୁ ପଚାରିବାରୁ ଏ ସମ୍ପର୍କରେ ମୁଁ କିଛି କହିପାରିବି ନାହିଁ। ଏ ବାବଦରେ ରଘୁରାମ ବାବୁଙ୍କୁ ପଚାରନ୍ତୁ କହି ନିଜ ମୁଣ୍ଡରୁ ଦାୟିତ୍ୱ ଖସାଇ ଦେଇଥିଲେ। ଅନ୍ୟପକ୍ଷରେ ବିଡିଓଙ୍କ ଏପରି ପ୍ରତିକ୍ରିୟାରେ ବ୍ଲକର ମୁଖ୍ୟ ବିଡିଓ ନା ରଘୁରାମ ବାବୁ ବୋଲି ସାଧାରଣରେ ଆଲୋଚନା ହେଉଛି।

## ଶିଶୁ ସୁରକ୍ଷା ନେଇ ସଚେତନତା କାର୍ଯ୍ୟକ୍ରମ



କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥିମାନେ।

ଜୟପୁର, ୨୯।୧୦(ନି.ପ୍ର.)

ଜୟପୁର ପୌର ସଭାଗୃହରେ ଶିଶୁ ସୁରକ୍ଷା ଉପରେ ଏକ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଶିଶୁକୁ କିପରି ସୁରକ୍ଷା ମିଳିବ ତାର ଆଇନଗତ ଦିଗ ଉପରେ ପୌରାଞ୍ଚଳର କାଉନସିଲରମାନଙ୍କୁ ସଚେତନ କରାଯାଇଥିଲା। କାଉନସିଲରମାନେ ସିଧାସଳଖ ଲୋକଙ୍କ ସହ ଜଡିତ। ପୌର ସଭା ଗୃହରେ ହୋଇଥିବା ଏହି କାର୍ଯ୍ୟକ୍ରମରେ ଜିଲା ଶିଶୁ ସୁରକ୍ଷା ଅଧିକାରୀ ରାଜଶ୍ରୀ ଦାସ ଯୋଗ ଦେଇଥିଲେ। ଶିଶୁମାନଙ୍କୁ କେହି ନିର୍ଯାତନା ଦେଉଥିବା ଦେଖିଲେ ଏବଂ ଶିଶୁ ଶ୍ରମିକ ଭାବେ କାର୍ଯ୍ୟ କରୁଥିଲେ ତୁରନ୍ତ ପୋଲିସ କିମ୍ବା ଶିଶୁ ସୁରକ୍ଷା ଅଧିକାରୀଙ୍କୁ ଜଣାଇବାକୁ ସେ ପରାମର୍ଶ ଦେଇଥିଲେ। ବାଲ୍ୟବିବାହ ରୋକିବା ଉପରେ ମଧ ସେ ଗୁରୁତ୍ୱ ଦେଇଥିଲେ। ଏହି ଅବସରରେ ଜଣେ ଅବହେଳିତ ଶିଶୁଙ୍କୁ ଶିଶୁ ସୁରକ୍ଷା ଅଧିକାରୀଙ୍କୁ ହସ୍ତାନ୍ତର କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ପୌର ଅଧକ୍ଷ ନରେନ୍ଦ୍ର ମହାନ୍ତି, ଉପାଧକ୍ଷ ବି. ସୁନିତା, ପୌର ନିର୍ବାହୀ ଅଧିକାରୀ ସିଦ୍ଧାର୍ଥ ପଟ୍ଟନାୟକ ପ୍ରମୁଖ ଉପସ୍ଥିତ ଥିଲେ।


ମାଥିଲିରେ ଅନୁଷ୍ଠିତ ପ୍ରଶିକ୍ଷଣ ଶିବିରରେ ଯୋଗ ଦେଇଥିବା ଛାତ୍ରୀଛାତ୍ରମାନେ।

### ଜାତୀୟ ବିପର୍ଯ୍ୟୟ ହ୍ରାସ ଦିବସ

## ବ୍ଲକସ୍ତରୀୟ ବିପର୍ଯ୍ୟୟ ପ୍ରଶିକ୍ଷଣ ଶିବିର

ମାଥିଲି,୨୯।୧୦(ଡି.ଏନ.ଏ.)

୧୯୯୯ ମସିହା ଆଜିର ଦିନରେ ଓଡ଼ିଶାକୁ ମାଡି ଆସିଥିଲା ଭୟଙ୍କର ପ୍ରଳୟଙ୍କରୀ ମହାବାତ୍ୟା। ଯେଉଁଥିରେ ରାଜ୍ୟର ବହୁ ଧନଜୀବନ ନଷ୍ଟ ହୋଇଥିଲା। ଭାରତ ସରକାର ଏହି ଦିବସକୁ ଜାତୀୟ ବିପର୍ଯ୍ୟୟ ଦିବସ ଭାବେ ଘୋଷଣା କରିଥିଲେ। ୨୦୦୦ ମସିହାରୁ ଆଜିର ଦିନକୁ ଜାତୀୟ ବିପର୍ଯ୍ୟୟ ଦିବସ ଭାବରେ ପାଳନ କରାଯାଉଛି। ରାଜ୍ୟ ସରକାରଙ୍କ ପକ୍ଷରୁ ପ୍ରତ୍ୟେକ ବ୍ଲକରେ ବ୍ଲକସ୍ତରୀୟ ବିପର୍ଯ୍ୟୟ ହ୍ରାସ ପ୍ରଶିକ୍ଷଣ ଶିବିର ଆୟୋଜନ କରାଯାଉଛି। ଏହି ପରିପ୍ରେକ୍ଷୀରେ ମାଲକାନଗିରି ଜିଲା ମାଥିଲି ବ୍ଲକ ଅନ୍ତର୍ଗତ ସଦର ପଞ୍ଚାୟତ କାର୍ଯ୍ୟାଳୟ ପରିସରରେ ଶନିବାର ଯୁବପିଢ଼ି ତଥା ମହାବିଦ୍ୟାଳୟର ଛାତ୍ରୀଛାତ୍ରଙ୍କୁ ନେଇ ବିପର୍ଯ୍ୟୟ ହ୍ରାସ ପ୍ରଶିକ୍ଷଣ ଶିବିର ଅନୁଷ୍ଠିତ ହୋଇଛି। ବିଡିଓ ହୃଷୀକେଶ ଗଣ୍ଡଙ୍କ ତତ୍ତ୍ୱାବଧାନରେ ହୋଇଥିବା ଏହି ପ୍ରଶିକ୍ଷଣ ଶିବିରରେ ମାଥିଲିସ୍ଥିତ ଉତ୍କଳମଣି ଗୋପବନ୍ଧୁ ମହାବିଦ୍ୟାଳୟର ଛାତ୍ରୀଛାତ୍ରମାନେ ଯୋଗଦେଇଥିଲେ। ଶିବିରରେ ଏବିଡିଓ ସରୋଜ ପ୍ରଧାନ, ବିପିଏମ୍ ବିନୋଦ ଖୁରା, ଜିପିଓ ସୁଶାନ୍ତ ବେହେରା, ବ୍ଲକ କୃଷି ଅଧିକାରୀ, ଏଏସ୍‌ଆଇ ଅନନ୍ତ ନାୟକ ଓ ଏଏସ୍‌ଆଇ ସୁଧାଂଶୁ ଶେଖର ପାଢୀ, ଖବରଦାତା ଏମ୍‌ଡି ଆକବର, ଅଗ୍ନିଶମ ଅଧିକାରୀ ରାଇସିଙ୍ଗସନ ଏଣ୍ଟାରି ନାୟକ ଉପସ୍ଥିତ ଥିଲେ। ପିଇଓ ଅଶୋକ ମହାରଣା,ସରପଞ୍ଚ କାନାମରାଜୁ ନାୟକ, ସିପିଆଇ ନେତ୍ରୀ ବିଷ୍ଣୁପ୍ରିୟା ରାଜଗୁରୁ ଓ ବିଜେଡି ନେତ୍ରୀ ସୁନିତା ଜେନାଙ୍କ ସମେତ ଅନ୍ୟମାନେ କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ।

## ବ୍ଲକସ୍ତରୀୟ ଶିଶୁ ମହୋତ୍ସବ ସୁରଭି


ଛାତ୍ରୀଛାତ୍ରମାନେ ନୃତ୍ୟ ପରିବେଷଣ କରୁଛନ୍ତି।

ଦଶମନ୍ତପୁର,୨୯।୧୦ (ଡି.ଏନ.ଏ.)

ସ୍ଥାନୀୟ ଦଶମନ୍ତପୁର ବ୍ଲକ ଗୋଷ୍ଠୀ ଶିକ୍ଷା କାର୍ଯ୍ୟାଳୟ ପରିସରରେ ଶନିବାର ବ୍ଲକସ୍ତରୀୟ ଶିଶୁ ମହୋତ୍ସବ ସୁରଭି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ବ୍ଲକ ଗୋଷ୍ଠୀ ଶିକ୍ଷା ଅଧିକାରୀ ଦୟାସିନ୍ଧୁ ବାଘଙ୍କ ତତ୍ତ୍ୱାବଧାନରେ ହୋଇଥିବା ଏହି କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଲକ୍ଷ୍ମୀପୁର ବିଧାୟକ ପ୍ରଭୁ ଜାନି, ସମ୍ମାନିତ ଅତିଥି ଭାବେ ବ୍ଲକ ଉପାଧକ୍ଷା ପୂର୍ଣ୍ଣମା ଜାନି, ବିଡ଼ିଓ ଡ଼ମ୍ବରୁଧର ମଲିକ, ଏବିଇଓ ସୁନାଧର ସଗର, ଦଶମନ୍ତପୁର ସରପଞ୍ଚ ସବାଇ ମୁଦୁଲି, ଖବରଦାତା ଶୈଳେସ ଏସ ଖଡିଆର, ପ୍ରଧାନ ଶିକ୍ଷକ ବାସ ପ୍ରଧାନି, ସିଆର୍‌ସିସି ଦୁର୍ଯ୍ୟୋ ସଗରଙ୍କ ସମେତ ଅନ୍ୟମାନେ ଉପସ୍ଥିତ ଥିଲେ। ଛାତ୍ରୀଛାତ୍ରଙ୍କ ମଧରେ ଲୁଚି ରହିଥିବା ପ୍ରତିଭାକୁ ଲୋକଲୋଚନକୁ ଆଣିବା ସୁରଭିର ମୁଖ୍ୟ ଲକ୍ଷ୍ୟ ବୋଲି ଅତିଥିମାନେ ପ୍ରକାଶ କରିଥିଲେ। ଏହି ଅବସରରେ ଛାତ୍ରୀଛାତ୍ରଙ୍କ ମଧରେ ନୃତ୍ୟ, ସଂଗୀତ, ବକ୍ତୃତା, ଚିତ୍ରକଳା ପ୍ରତିଯୋଗିତା କରାଯାଇଥିଲା। ସେହିପରି ନନ୍ଦିଗାଁ ହାଇସ୍କୁଲ, ପୋଡାଗଡ଼ କନ୍ୟା ଆଶ୍ରମ ଏବଂ ଉପର ଗଦଲା ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ଛାତ୍ରୀଛାତ୍ରମାନେ ସଚେତନତା ମୂଳକ ନୃତ୍ୟ ପରିବେଷଣ କରିଥିଲେ। କୃତୀ ଛାତ୍ରୀଛାତ୍ରଙ୍କୁ ଅତିଥିମାନେ ପୁରସ୍କୃତ କରିଥିଲେ।

## ପ୍ରତିଭାକୁ ଲୋକଲୋଚନକୁ ଆଣୁଛି ସୁରଭି


ଛାତ୍ରୀମାନେ ପ୍ରତିଭା ପ୍ରଦର୍ଶନ କରୁଛନ୍ତି।

କୋରାପୁଟ,୨୯।୧୦(ସ୍ୱ.ପ୍ର.)

କୋରାପୁଟ ବ୍ଲକସ୍ତରୀୟ ସୁରଭି ଶନିବାର ସ୍ଥାନୀୟ ସରକାରୀ ଉଚ୍ଚ ବିଦ୍ୟାଳୟ ଠାରେ ଅନୁଷ୍ଠିତ ହୋଇଛି। ଗୋଷ୍ଠି ଶିକ୍ଷା ଅଧିକାରୀ ଶ୍ରୀକାନ୍ତ ଜାନିଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ଉତ୍ସବରେ ମୁଖ୍ୟଅତିଥି ରୂପେ ପୌରଧକ୍ଷ ଲଲାଟ ରଞ୍ଜନ ସେଠୀ, ମୁଖ୍ୟବକ୍ତା ରୂପେ ବ୍ଲକ ଅଧକ୍ଷା ନମିତା ମାଝି ଯୋଗଦେଇ ଛାତ୍ରୀଛାତ୍ରଙ୍କ ମଧରେ ଲୁକ୍କାୟିତ ପ୍ରତିଭା ସୁରଭି ମାଧମରେ ଲୋକଲୋଚନକୁ ଆସିପାରୁଛି ବୋଲି ପ୍ରକାଶ କରିଥିଲେ। ସମ୍ମାନିତ ଅତିଥିଭାବେ ଏବିଇଓ ଶିବ ପ୍ରସାଦ ରଥ ଏବଂ ଜସନ ବେନିଆ ଉପସ୍ଥିତ ଥିଲେ। ୧୬ଟି କ୍ଲଷ୍ଟରର ୨୮୭ ଜଣ ଛାତ୍ରୀଛାତ୍ର ୧୭ଟି ବିଭାଗରେ ଆୟୋଜିତ ପ୍ରତିଯୋଗିତାରେ ଭାଗ ନେଇଥିଲେ। ଉଦଯାପନୀ ଉତ୍ସବରେ ମୁଖ୍ୟଅତିଥି ରୂପେ ଅତିରିକ୍ତ ଜିଲାପାଳ (ରାଜସ୍ୱ) ରାମେଶ୍ୱର ପ୍ରଧାନ ଯୋଗ ଦେଇ କୃତୀ ପ୍ରତିଯୋଗୀମାନଙ୍କୁ ପୁରସ୍କୃତ କରିଥିଲେ। ୧୭ଟି ବିଭାଗରେ ପ୍ରଥମ ସ୍ଥାନ ଅଧିକାର କରିଥିବା ପ୍ରତିଯୋଗୀମାନେ ଅଗାମୀ ଦିନରେ ଜିଲାସ୍ତରୀୟ ସୁରଭିରେ ଭାଗ ନେବେ। ସିଆରସିସି ପ୍ରଦୀପ ପାତ୍ର, ପ୍ରିୟ ରଞ୍ଜନ ଦାସ, ହର ମିଶ୍ର, ସୁବୋଧ ମାଝି, ଜ୍ୟୋତି ପାଢ଼ୀ, ତ୍ରିଲୋକେଶ ପଣ୍ଡା, ଜୁମେଶ ଛୋଟୋଇ, ସୂର୍ଯ୍ୟ ବେହେରା, ଜସ୍ମିତା ମହାରଣା, ଶିକ୍ଷକ ଗଜନି ଚନ୍ଦ୍ରଙ୍କ ସମେତ ଅନ୍ୟମାନେ ଉପସ୍ଥିତ ଥିଲେ।

# ଜବତ ହେଲା ବିପୁଳ ପରିମାଣର ମାଓବାଦୀ ସାମଗ୍ରୀ

ମାଲକାନଗିରି,୨୯।୧୦ (ଡି.ଏନ୍.ଏ.)

**ବିଏସ୍‌ଏଫ୍-ପୋଲିସର ମିଳିତ କୋମ୍ବିଂ**

- ସମ୍ପୂର୍ଣ୍ଣ ମାଓବାଦୀମୁକ୍ତ ହେବାକୁ ଜିଲାକୁ ୨ବର୍ଷ ଲାଗିବ
- କେଉଁଠି ନା କେଉଁଠି ରହିଛି ମାଓବାଦୀଙ୍କ ଦବ୍‌ଦବା

ମାଲକାନଗିରି ଜିଲା ଚିତ୍ରକୋଣ୍ଡା ବ୍ଲକ ଜୋଡାମ୍ବ ଥାନା ଅନ୍ତର୍ଗତ କୁସୁମପୁଟ ଗ୍ରାମ ନିକଟ ଜଙ୍ଗଲରେ ବିଏସ୍‌ଏଫ୍-ପୋଲିସ ମିଳିତ କୋମ୍ବିଂ ଅପରେଶନ କରି ବିପୁଳ ପରିମାଣର ମାଓବାଦୀ ସାମଗ୍ରୀ ଜବତ କରିଛନ୍ତି। ଏ ସମ୍ପର୍କରେ ଏକ ଖବରଦାତା ସମ୍ମିଳନୀରେ ବିଏସ୍‌ଏଫ୍ ଆଇଜି ଡି.କେ. ଶର୍ମା ସୂଚନା ଦେଇଛନ୍ତି।

ଖବରରୁ ଜଣାପଡିଛି, ଗତ କିଛିଦିନ ହେଲା ବିଏସ୍‌ଏଫ୍ ଏବଂ ପୋଲିସ ଉକ୍ତ ଅଞ୍ଚଳରେ ମିଳିତ ଭାବେ କୋମ୍ବିଂ ଅପରେଶନ ଜାରି ରଖିଥିଲେ। ଶୁକ୍ରବାର ସନ୍ଧ୍ୟାରେ କୋମ୍ବିଂ ବେଳେ କୁସୁମପୁଟ ଜଙ୍ଗଲରୁ ବହୁ ପରିମାଣର ମାଓବାଦୀ ସାମଗ୍ରୀ ଠାବକରି ଜବତ କରିଥିଲେ। ଜବତ ସାମଗ୍ରୀ ମଧରେ ୨ଟି ୩୦୩ ରାଇଫଲ, ୨ଟି ଗ୍ୟାସ୍ ଗନ୍, ୪ଟି ଅନ୍ୟ ବନ୍ଧୁକ, ୨ଟି ଟିଫିନ୍ ବୋମା, ଗୋଟିଏ ଏଚ୍ଇ ଗ୍ରେନେଡ୍, ୨୦ଟି ଡିଟୋନେଟର, ଗୋଟିଏ କ୍ୟାମେରା ଫ୍ଲାସ୍, ଗୋଟିଏ ପ୍ରିଣ୍ଟର, ଗୋଟିଏ ଲାପ୍‌ଟପ୍ ବ୍ୟାଟେରି, ଗୋଟିଏ ସୋଲାର ପାନେଲ, ୭ ମିଟର ବିଦ୍ୟୁତ୍ ତାର, ୧୦ ମିଟର କଡେକ୍ସ ତାର, ୯୭୦ଟି ଜିଲେଟିନ୍ ଷ୍ଟିକ୍, ଦେଢ ମିଟର ବିଶିଷ୍ଟ ୬ଟି ରଙ୍ଗ କପଡା, ଗୋଟିଏ ଟର୍ଚ୍ଚ ଲାଇଟ, ଗୋଟିଏ ହଳ ମାଓବାଦୀ କପଡା, ଗୋଟିଏ ହଳ ଚପଲ, ଗୋଟିଏ ଛତା, ଗୋଟିଏ ପାଣି ବୋତଲ ରହିଛି। ଏନେଇ ଶନିବାର ବିଏସ୍‌ଏଫ୍ ଆଇଜି ଶର୍ମା ମାଲକାନଗିରି ଗସ୍ତ ଅବସରରେ ଖବରଦାତା ସମ୍ମିଳନୀରେ ସମସ୍ତ ସୂଚନା ଦେଇଛନ୍ତି। ସେ କହିଛନ୍ତି, ମାଲକାନଗିରି ଜିଲାରୁ ମାଓବାଦୀମାନେ ପ୍ରାୟତଃ ମୂଳପୋଛ ହୋଇଥିଲେ ସୁଦ୍ଧା କେଉଁଠି ନା କେଉଁଠି ସେମାନଙ୍କ ଦବ୍‌ଦବା ରହିଛି। ବିଏସ୍‌ଏଫ୍ ଓ ପୋଲିସ ମିଳିତ ଭାବେ ବିଭିନ୍ନ ସ୍ଥାନରେ ବିଭିନ୍ନ ସମୟରେ କୋମ୍ବିଂ ଅପରେଶନ କରୁଥିଲେ ମଧ ଜିଲାରୁ ସମ୍ପୂର୍ଣ୍ଣ ରୂପେ ମାଓବାଦୀଙ୍କ ପ୍ରାଦୁର୍ଭାବ ଦୂର ହୋଇଛି ବୋଲି କହିହେବ ନାହିଁ। ମାଲକାନଗିରି ଜିଲା ସମ୍ପୂର୍ଣ୍ଣ ମାଓବାଦୀମୁକ୍ତ ଅଞ୍ଚଳ ହେବାକୁ ହେଲେ ଆଉ ୨ବର୍ଷ ସମୟ ଲାଗିବ ବୋଲି ଆଇଜି ଶର୍ମା କହିଥିଲେ। ଏବେ ମଧ ସମୟ ଅଛି, ମାଓବାଦୀମାନେ ଆତ୍ମସମର୍ପଣ କରି ସମାଜର ମୁଖ୍ୟ ସ୍ରୋତରେ ସାମିଲ ହେବାକୁ ସେ ଆହ୍ୱାନ ଦେଇଥିଲେ। ଆଇଜି ଅପରେଶନ ଅମିତାଭ ଠାକୁର, କୋରାପୁଟ ଡିଆଇଜି ରାଜେଶ ପଣ୍ଡିତ, ଡିଆଇଜି ଧୀରେନ୍ଦ୍ର କୁମାର, ମାଲକାନଗିରି ବିଏସ୍‌ଏଫ୍ ଡିଆଇଜି ଶୈଳେନ୍ଦ୍ର କୁମାର ସିହ୍ନା, କୋରାପୁଟ ଏସ୍‌ପି ବରୁଣ ଗୁଣ୍ଟୁପାଲ୍ଲି, ମାଲକାନଗିରି ଏସ୍‌ପି ନୀତେଶ ୱାଧୱାନି ଉପସ୍ଥିତ ଥିଲେ।


ଜଙ୍ଗଲରୁ ଜବତ ମାଓବାଦୀଙ୍କ ବିଭିନ୍ନ ସାମଗ୍ରୀ।

# ଠିକାଦାରଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଦାବି କଲା ନାଗରିକ କମିଟି

ଜୟପୁର,୨୯।୧୦(ନି.ପ୍ର)

**ଜଗନ୍ନାଥ ସାଗର ପୋତା ଘଟଣା**

ଜୟପୁର ସହରର ଗୌରବ ଏବଂ ଐତିହ୍ୟ ଜଗନ୍ନାଥ ସାଗର ପୋତାହେବା ଘଟଣା ନେଇ ନାଗରିକ କମିଟି ଉଦ୍‌ବେଗ ପ୍ରକାଶ କରିଛି। କଲ୍ୟାଣ ମଣ୍ଡପ ନିର୍ମାଣ କରିବାକୁ ୨୦୧୨ରେ ସାଗରରେ ମାଟି ପକାଯାଇଥିଲା। ଏନେଇ ଶନିବାର ନାଗରିକ କମିଟିର ସଦସ୍ୟମାନେ ପ୍ରତିବାଦ ଜଣାଇ ପୌର କାର୍ଯ୍ୟ ନିର୍ବାହୀ ଅଧିକାରୀ ସିଦ୍ଧାର୍ଥ ପଟ୍ଟନାୟକଙ୍କୁ ଭେଟିଛନ୍ତି। ତୁରନ୍ତ ସାଗରରେ ମାଟି ପକାଇଥିବା ଠିକାଦାର ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରି ସାଗରରୁ ମାଟି କାଢିବାକୁ କମିଟି ଦାବି କରିଛି। ନଚେତ ହାଇକୋର୍ଟରେ ମାମଲା ରୁଜୁ କରାଯିବ ବୋଲି ସଦସ୍ୟମାନେ ପ୍ରକାଶ କରିଛନ୍ତି। ଏହି ଅବସରରେ ଏକ ଦାବିପତ୍ର ପ୍ରଦାନ କରାଯାଇଛି। ବର୍ତ୍ତମାନ ପୌର ପରିଷଦ ଉକ୍ତ ସ୍ଥାନରେ କାଫେ କରିବାକୁ ଯୋଜନା କରିଛି। ଏହାକୁ ମଧ ବନ୍ଦ କରିବାକୁ ସଦସ୍ୟମାନେ ଦାବି କରିଛନ୍ତି। ସାଗରରେ ମାଟି ପକାଇ ପୋତାଯାଉଥିବା ସମ୍ପର୍କିତ ଖବର 'ମାଟି ପାକାଅ ଟଙ୍କା ଲୁଟ' ଧରିତ୍ରୀରେ ୨୦୧୨ରେ ପ୍ରକାଶ ପାଇବା ପରେ ମାଟି ପକାଇବା ବନ୍ଦ ହୋଇଥିଲା। ନାଗରିକ କମିଟି ସଦସ୍ୟ କୃଷ୍ଣ କେଶବ ଷଡଙ୍ଗୀ କହିଛନ୍ତି, ଜୟପୁର ସହରର ପରିବେଶକୁ ସନ୍ତୁଳିତ କରିବା ପାଇଁ ରାଜରାଜୁଡା ଅମଳରୁ ଜଗନ୍ନାଥ ସାଗର ତିଆରି ହୋଇଥିଲା। ସାଗର ଜୟପୁର ସହରର ଜଳବାୟୁ ନିୟନ୍ତ୍ରଣ କରିବା ସହ ସହରର ସୌନ୍ଦର୍ଯ୍ୟ ବୃଦ୍ଧି କରିବାରେ ସହାୟକ ହେଉଛି। ମାତ୍ର ପୌର ପରିଷଦ କେତେକ ଲୋକଙ୍କ ସହ ମିଶି ଜଗନ୍ନାଥ ସାଗରକୁ ଧ୍ୱଂସ କରିବାକୁ ବସିଛି ବୋଲି ଷଡଙ୍ଗୀ କହିଛନ୍ତି। ଏଦିଗରେ ରାଜ୍ୟପାଳ, ଜିଲାପାଳ ଓ ମୁଖ୍ୟମନ୍ତ୍ରୀଙ୍କ ହସ୍ତକ୍ଷେପ ପାଇଁ ସେ ଅନୁରୋଧ କରିଛନ୍ତି। ସୂଚନାଯୋଗ୍ୟ, ବୋଟିଂ କ୍ଲବ କରିବା ବାହାନାରେ ଖ୍ରୀଷ୍ଟିଆନ ପେଟା ଛକ ନିକଟରେ ଏକ ଏକର ପରିମିତ ପୋଖରୀକୁ ଖୋଳି ନଷ୍ଟ କରାଗଲା। ଏହି ସ୍ଥାନ ଏବେ ପାଇଖାନା ରୂପେ ବ୍ୟବହାର ହେଉଛି। ପୁଣି ପାର୍କ ସାହି ବାଇପାସ ରୋଡ ନିକଟରେ ବସଷ୍ଟାଣ୍ଡ ଷ୍ଟପେଜ ଆଳରେ ପୋଖରୀକୁ ମାଟି ପକାଇ ପୋତାଗଲା। ସେହିଭଳି ପଞ୍ଚାନନ ମନ୍ଦିର ପାଖରେ ପାର୍କ ତିଆରି ଆଳରେ ଆମିଷ କଲ୍ୟାଣ ମଣ୍ଡପ କରିବାକୁ ଏକ ଏକର ସ୍ଥାନ ପୋତି ଦେଲେ। ବର୍ତ୍ତମାନ ପୁଣି ଥରେ ପାର୍କ କରିବା ବାହାନାରେ ଜଗନ୍ନାଥ ସାଗରର ଦକ୍ଷିଣ-ପୂର୍ବ ଦିଗରେ ପଞ୍ଚାନନ ମନ୍ଦିର, ପି.ଏଚ.ଡି କାର୍ଯ୍ୟାଳୟ ନିକଟରେ ମାଟି ଭର୍ତ୍ତି କାମ ଆରମ୍ଭ ହୋଇଛି। ଏହା ଦ୍ୱାରା ନିକଟରେ ରହିଥିବା ତୁଠ ପାହାଚ ପ୍ରଭାବିତ ହେ ସ୍ନାନ ଶୌଚରେ ପ୍ରତିବନ୍ଧକ ସୃଷ୍ଟି ହେବ। ଜଗନ୍ନାଥ ସାଗରର ଆୟତନ ପୁଣି ସଙ୍କୁଚିତ ହେବ ବୋଲି ନାଗରିକ କମିଟି ପ୍ରକାଶ କରିଛି। ଦାବିପତ୍ର ପ୍ରଦାନ ବେଳେ କମିଟି ସଭାପତି ମିନ କେତନ ଦାଶ, ଗୀତା ପ୍ରକାଶ ମିଶ୍ର, ଜି.ଭି. ରାଓ, ଶଙ୍କର ପ୍ରହରାଜ, କୃଷ୍ଣ କେଶବ ଷଡଙ୍ଗୀ ଉପସ୍ଥିତ ଥିଲେ।



ପ୍ରଶାସନକୁ ଭେଟିବାକୁ ଆସିଥିବା ନାଗରିକ କମିଟି।

# ଏବେ ବଡ଼ ଭଉଣୀଙ୍କୁ ଚିକିତ୍ସା କରୁଛନ୍ତି ଗୁଣିଆ

ମାଲକାନଗିରି,୨୯।୧୦ (ଡି.ଏନ୍.ଏ.)

**ଅଜଣା ରୋଗରେ ଦୁଇଭଉଣୀଙ୍କ ମୃତ୍ୟୁ ଘଟଣା**

ମାଲକାନଗିରି ଜିଲା କୋରୁକୋଣ୍ଡା ବ୍ଲକ ତାର୍ଲାକୋଟା ପଞ୍ଚାୟତ ପୁସପାଲ୍ଲି ଗ୍ରାମରେ ଅଜଣା ରୋଗରେ ଗତ ସପ୍ତାହରେ ଗୋଟିଏ ପରିବାରର ଦୁଇ ଭଉଣୀଙ୍କ ମୃତ୍ୟୁ ଘଟିଥିଲା। ଏବେ ବଡଭଉଣୀ ଏହି ଅଜଣା ରୋଗର ଶିକାର ହୋଇଛନ୍ତି। ତେବେ ପରିବାର ଲୋକେ ତାଙ୍କୁ ଡାକ୍ତରଖାନା ନ ନେଇ ଗୁଣିଆ ପାଖରେ ଚିକିତ୍ସା କରୁଥିବା ଜଣାପଡିଛି। ସେ ହେଲେ ଗୋବର୍ଦ୍ଧନ ନାୟକଙ୍କ ଝିଅ ଯଶୋଦା।

ଖବରରୁ ଜଣାପଡିଛି, ଗ୍ରାମର ଗୋବର୍ଦ୍ଧନଙ୍କ ଦୁଇ ଝିଅ ଜୟନ୍ତୀ (୧୭) ଓ ଶୁଭଦ୍ରା (୧୫) ଅଜଣା ରୋଗରେ ପୀଡିତ ଥିଲେ। ଏହି ଦୁଇ ଭଉଣୀଙ୍କ ପେଟ ବ୍ୟଥା ସହ ହାତଗୋଡ ଫୁଲି ଯାଉଥିଲା। ଗୋବର୍ଦ୍ଧନ ଉଭୟଙ୍କୁ କିଛିଦିନ ବ୍ୟବଧାନରେ ମାଲକାନଗିରି ଜିଲା ମୁଖ୍ୟ ଚିକିତ୍ସାଳୟରେ ଚିକିତ୍ସା କରାଇ ଡାକ୍ତରଙ୍କ ପରାମର୍ଶକ୍ରମେ ଉଭୟଙ୍କୁ କୋରାପୁଟ ଡାକ୍ତରଖାନା ନେଇଥିଲେ। ସେଠାରେ ଉଭୟଙ୍କ ସ୍ୱାସ୍ଥ୍ୟବସ୍ଥାର ଉନ୍ନତି ହେବାରୁ ଗୋବର୍ଦ୍ଧନ ଦୁଇଝିଅଙ୍କୁ ଘରକୁ ଫେରାଇ ଆଣିଥିଲେ। ଘରେ ପହଞ୍ଚିବାର ଦୁଇଦିନ ପରେ ପୁନର୍ବାର ଦୁଇ ଝିଅଙ୍କ ଭିଷଣ ପେଟ ବ୍ୟଥା ହେବାସହ ଗୋଡହାତ ଫୁଲି ଯାଇଥିଲା। ପରେ ୧୫ ଦିନ ମଧରେ ଉଭୟଙ୍କ ମୃତ୍ୟୁ ହୋଇଥିଲା ବୋଲି ବାପା ଗୋବର୍ଦ୍ଧନ ପ୍ରକାଶ କରିଛନ୍ତି। ଏବେ ତୃତୀୟ ଝିଅ ଯଶୋଦାଙ୍କ ମଧ ସେହି ସମାନ ରୋଗରେ ପୀଡିତ ହୋଇଛନ୍ତି। ତାଙ୍କଠାରେ ମଧ ସମାନ ଲକ୍ଷଣ ଦେଖିବାକୁ ମିଳିଥିଲା। ମାଲକାନଗିରି ଡାକ୍ତରଖାନାକୁ ଆଣିବାରୁ ଚିକିତ୍ସା ପରେ କୌଣସି ଲକ୍ଷଣ ଆଉ ଦେଖିବାକୁ ମିଳି ନ ଥିଲା। ପରେ ଡାକ୍ତର ସେମାନଙ୍କୁ ଘରକୁ ପଠାଇ ଦେଇଥିଲେ। ଘରେ ପହଞ୍ଚିବା ପରେ ପୁନର୍ବାର ଯଶୋଦାଙ୍କ ପେଟ ଯନ୍ତ୍ରଣା ହେବାରୁ ଗୋବର୍ଦ୍ଧନ ଆଉ ଡାକ୍ତରଙ୍କ ଉପରେ ଭରସା ନ କରି ଏବେ ଗ୍ରାମ ଠାରୁ ୧୦ କି.ମି.ଦୂରରେ ଥିବା ଜଣେ ଗୁଣିଆଙ୍କ ପାଖକୁ ଝିଅକୁ ନେଇ ଚିକିତ୍ସା କରୁଛନ୍ତି। ଗୁଣିଆ ଜଣକ ମନ୍ତ୍ର ପଢିବା ସହ ଲିମ୍ବ ଡାଳରେ ଝଡାଫୁଙ୍କା କରି ବିଭିନ୍ନ ଚେରମୂଳି ଔଷଧ ଦେଉଛନ୍ତି। ଯଶୋଦାଙ୍କ ଯନ୍ତ୍ରଣା ଅସହ୍ୟ ହେଲେ ପରିବାର ଲୋକ ପେଟକୁ ମାଡି ବସୁଛନ୍ତି। ସେହି ସମୟରେ ଝିଅ କିଛିଟା ସୁସ୍ଥ ଅନୁଭବ କରୁଛି। ପେଟ ଉପରୁ ହାତ ଉଠାଇଦେଲେ ପୁଣି ତାର ପେଟ ଯନ୍ତ୍ରଣା ହେଉଥିବା ଗୋବର୍ଦ୍ଧନ କହିଛନ୍ତି। ଏ ସମ୍ପର୍କରେ ଜିଲା ଚିକିତ୍ସାଧିକାରୀ ପ୍ରଫୁଲ୍ଲ ନନ୍ଦଙ୍କୁ ପଚାରିବାରୁ ସେ କହିଲେ, ପୂର୍ବରୁ ଗୋବର୍ଦ୍ଧନଙ୍କ ଦୁଇ ଝିଅ ମାଲକାନଗିରି ଚିକିତ୍ସାଳୟରେ ଚିକିତ୍ସିତ ହେଉଥିଲେ। ଉନ୍ନତ ଚିକିତ୍ସା ପାଇଁ କୋରାପୁଟ ପଠାଯାଇଥିଲା। କୋରାପୁଟରୁ ଘରକୁ ଆସିଲା ପରେ ଦୁଇଝିଅଙ୍କ ମୃତ୍ୟୁ ହୋଇଛି। ବର୍ତ୍ତମାନ ତାଙ୍କ ବଡ ଝିଅ ସେହି ସମାନ ରୋଗରେ ପୀଡିତ ହୋଇଥିଲେ ମଧ ଅନ୍ଧ ବିଶ୍ୱାସ ଯୋଗୁ ତାଙ୍କୁ ଗୁଣିଆ ଦ୍ୱାରା ଚିକିତ୍ସା କରୁଛନ୍ତି। ଗୁଣିଆମାନେ ରୋଗର ଲକ୍ଷଣ କିଛି ନ ଜାଣି ବିଭିନ୍ନ ପ୍ରକାର ଚେରମୂଳି ଏବଂ ଅଦରକାରୀ ପାନୀୟ ଜଳ ଦେବା କାରଣରୁ ଏପରି ଘଟଣା ଘଟୁଛି। ରୋଗ ଆରମ୍ଭରୁ ଗୁଣିଆ ପାଖକୁ ନ ଯାଇ ତୁରନ୍ତ ଡାକ୍ତରଖାନା ଆଣି ଡାକ୍ତରଙ୍କ ପରାମର୍ଶରେ ଚିକିତ୍ସା କରାଇଥିଲେ ଏପରି ସମସ୍ୟା ଉପୁଜି ନ ଥାନ୍ତା। ଏକ ଡାକ୍ତରି ଦଳ ଉକ୍ତ ଗ୍ରାମକୁ ପଠାଇ ସମ୍ପୃକ୍ତ ବ୍ୟକ୍ତିଙ୍କ ପାରିପାର୍ଶ୍ୱିକ ସ୍ଥିତି, ପାନୀୟ ଜଳ, ଖାଦ୍ୟପେୟ ଅନୁଧ୍ୟାନ କରାଯିବ। କେଉଁ କାରଣରୁ ଏପରି ଘଟଣା ଘଟୁଛି ତାହାର ତର୍ଜମା କରି ପିଡୀତା ଝିଅର ଚିକିତ୍ସା କରାଯିବ ବୋଲି ଡା. ନନ୍ଦ କହିଛନ୍ତି।


ଅଜଣା ରୋଗରେ ଆକ୍ରାନ୍ତ ହୋଇ ଗୁଣିଆ ନିକଟରେ ଚିକିତ୍ସାଧୀନ ଥିବା ବଡ ଭଉଣୀ।

